### ଜବରଦଖଲ ଉଚ୍ଛେଦ ନା ପ୍ରୋତ୍ସାହନ!

# ନିର୍ମାଣାଧୀନ କୋଠା ନ ଭାଙ୍ଗି ଫେରିଗଲେ ଅଧିକାରୀ

ରାଉରକେଲା, ୮।୧(ସମିସ)



ନୂଆବସଷ୍ଟାଣ୍ଡ ପାଚେରିକୁ ଲାଗି ଶତାଧିକ ବେଆଇନ ବଡ଼ ବଡ଼ କୋଠା ନିର୍ମାଣ ହୋଇଥିବା ବେଳେ ଆଜି ଆଉ ଏକ କୋଠା ନିର୍ମାଣ ହେଉଥିବା ଅଭିଯୋଗ ପାଇ ଆର୍‌ଏମ୍‌ସିର କିଛି ଅଧିକାରୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟକୁ ବନ୍ଦ କରି ଦେଇଛନ୍ତି। ମାତ୍ର ସରକାରୀ ଅନାବାଦି ଜମିରେ ବେଆଇନ ନିର୍ମାଣାଧୀନ କୋଠାକୁ ଉଚ୍ଛେଦ କରିବା ପରିବର୍ତ୍ତେ ନିର୍ମାଣ କରୁଥିବା ସମ୍ପୃକ୍ତ ଘର ମାଲିକଙ୍କୁ ଅଧିକାରୀମାନେ କେବଳ ତାଗିଦ କରି ଫେରି ଆସିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ ଯେ ଉକ୍ତ ଅଞ୍ଚଳଟି ସହରର ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ହୋଇଥିବା ବେଳେ ତଥା ରାଉରକେଲା ରେଳ ଷ୍ଟେସନ୍ ଓ ନୂଆ ବସ୍‌ଷ୍ଟାଣ୍ଡ ଅନତି ଦୂରରେ ରହିଥିବା ବେଳେ ସେଠାରେ ଶତାଧିକ ଲୋକ ଜବରଦଖଲ କରି ଅସ୍ଥାୟୀ ନୁହେଁ ବଡ଼ ବଡ଼ ପ୍ରାସାଦ ନିର୍ମାଣ କରି ବାସ କରିବା ସହ ବ୍ୟବସାୟ କରୁଛନ୍ତି। ହେଲେ ଜିଲ୍ଲା ପ୍ରଶାସନର ଏଥି ପ୍ରତି ନଜର ନ ପଡ଼ିବା ସାଧାରଣରେ ଆଲୋଚ୍ୟର ବିଷୟ ପାଲଟିଛି। ସେପଟେ ରାଉରକେଲା ନୂଆ ବସଷ୍ଟାଣ୍ଡକୁ ବରମୁଣ୍ଡା ବସଷ୍ଟାଣ୍ଡ ପରି ଏୟାରପୋର୍ଟ ଢାଞ୍ଚାରେ ନିର୍ମାଣ ହେବ ନିକଟରେ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣି ସୂଚନା ଦେଇଥିଲେ। ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ ପଛ ପଟେ ଥିବା ସରକାରୀ ଜମି ଜବରଦଖଲ ରହିଥିବାରୁ ନୂଆ ବସଷ୍ଟାଣ୍ଡ ଉନ୍ନତୀକରଣ କିପରି ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

● ଆରଏସ୍‌ପି ପକ୍ଷରୁ ସିନର୍ଜି ଲୋକସାଂସ୍କୃତିକ ମହୋତ୍ସବ

## ଶହୀଦ ବାବା ତିଲକା ମାଝୀ ଟୋଲା ନୃତ୍ୟଦଳ ଚାମ୍ପିଅନ୍

ରାଉରକେଲା, ୮।୧(ସମିସ): ରାଉରକେଲା ଇସ୍ପାତ କାରଖାନାର ସିଏସ୍‌ଆର୍ ବିଭାଗ ଦ୍ୱାରା ଲାଠିକଟା ବ୍ଲକ୍ ଖଇରବନ୍ଧ ଗ୍ରାମରେ ଆୟୋଜିତ ଜୋନ୍‌ସ୍ତରୀୟ 'ସିନର୍ଜି ଲୋକସାଂସ୍କୃତିକ ମହୋତ୍ସବ'ରେ ବିଭିନ୍ନ ଗାଁର ୩୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ହାତୀବନ୍ଧା ଗ୍ରାମର ଶହୀଦ ବାବା ତିଲକା ମାଝୀ ଟୋଲା ନୃତ୍ୟ ଦଳ ଚାମ୍ପିୟନ ହୋଇଥିଲା।
ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲା ବେଳେ ଇଣ୍ଟରନାଲ୍ ଅଡିଟ ବିଭାଗର ସିଜିଏମ୍ ଜିଏସ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଏସ୍‌ଆର୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ମୁନମୁନ ମିତ୍ର, ଜିଏମ୍ ବିଭାବସୁ ମଲ୍ଲିକ, ଏଜିଏମ୍ ଟିବି ଟପ୍ପୋ ଓ ଜିଲ୍ଲା ପରିଷଦ ପ୍ରାର୍ଥୀ ଓ ସରପଞ୍ଚଙ୍କ ସମେତ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ହାତୀବନ୍ଧା ଗ୍ରାମର ଶହୀଦ ବାବା ତିଲକା ମାଝୀ ଟୋଲା ନୃତ୍ୟ ଦଳ ଚାମ୍ପିଅନ୍, ନୂଆଗାଁ ଗ୍ରାମର କର୍ମା କଳା ପରିଷଦ ନୃତ୍ୟ ଦଳ ଦ୍ୱିତୀୟ ଓ ବୋଲାଣି ଗ୍ରାମର ଚଳା କଳା ପରିଷଦ ନୃତ୍ୟ ଦଳ ତୃତୀୟ ପୁରସ୍କାର ଲାଭ କରିଥିଲା। ଖଇରବନ୍ଧ ଗ୍ରାମର ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଆର୍‌ଏସ୍‌ପି ସିଏସ୍‌ଆର୍ ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥିଲା।



## ଏୟାରପୋର୍ଟ ଆହ୍ୱାନ କମିଟି ଆନ୍ଦୋଳନକୁ ରଘୁନାଥପାଲୀ ବିଜେଡିର ସମର୍ଥନ



ରାଉରକେଲା,୮।୧(ସମିସ): ରାଉରକେଲା ପୂର୍ଣ୍ଣାଙ୍ଗ ବିମାନ ବନ୍ଦର ଦାବିରେ ରାଉରକେଲା ଏୟାରପୋର୍ଟ ଆହ୍ୱାନ କମିଟିର ଆନ୍ଦୋଳନ ୮ମ ଦିବସରେ ପହଞ୍ଚିଛି। ରାଉରକେଲା ବିକାଶରେ ବିମାନ ସେବା ନଥିବାରୁ ଏହା ବାଧକ ସାଜୁଛି। ଏଠି ଜାତୀୟ ଶିକ୍ଷାନୁଷ୍ଠାନ ଏନ୍‌ଆଇଟି, ବିପିୟୁଟି, ଆନ୍ତର୍ଜାତିକ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆର୍‌ଏସ୍‌ପି, ଏନ୍‌ଏସ୍‌ପିସିଏଲ୍, ଏସିଆ ବୃହତ୍ତ ଛେଣ୍ଡ କଲୋନୀ ସହ ରାଉରକେଲା ସ୍ମାର୍ଟ ସିଟି ସହ ଶତାଧିକ ଛୋଟ ବଡ଼ ଶିଳ୍ପାନୁଷ୍ଠାନ ରହିଛି। ତେଣୁ ଅଞ୍ଚଳର ବିକାଶ ସେତେବେଳେ ସମ୍ଭବ ଯେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ସୁଗମ ଥିବ। ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ହସ୍ପିଟାଲ ଥିଲେ ମଧ୍ୟ ଭଲ ଡାକ୍ତର ଏୟାରପୋର୍ଟ ସୁବିଧା ନଥିବାରୁ ଆସିପାରୁ ନାହାନ୍ତି। ତେଣୁ ଏପରିସ୍ଥଳେ ରାଉରକେଲା ଏୟାରପୋର୍ଟକୁ ୪ସି ଲାଇସେନ୍ସ, ଆଇଏଲ୍‌ଏସ୍ ଓ ଏନ୍‌ଏଲ୍‌ଏସ୍ ବ୍ୟବସ୍ଥା ସହ ତୁରନ୍ତ ଏୟାରପୋର୍ଟ ଅଥୋରିଟି ଅଫ୍ ଇଣ୍ଡିଆକୁ ଜମି ହସ୍ତାନ୍ତର ପାଇଁ ଦାବିକୁ ଆଜି ରଘୁନାଥପାଲୀ ବିଜେଡି ପକ୍ଷରୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲେ। ରଘୁନାଥପାଲୀ ବିଜେଡି ନଗର ସଭାପତି ଆର୍ତ୍ତ ମହାରଣାଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତୃବୃନ୍ଦ ଧାରଣାସ୍ଥଳରେ ପହଞ୍ଚି ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲେ। ଆଗାମୀ ଶନିବାର ମଶାଲ ଶୋଭାଯାତ୍ରାରେ ରଘୁନାଥପାଲୀ ବିଜୁ ଜନତା ଦଳ ସଂପୂର୍ଣ୍ଣ ସହଯୋଗ କରିବ। ଏହି ଅବସରରେ ନଗର ସଭାପତି ଆର୍ତ୍ତ ମହାରଣା, ବିରାଜ ବିଶ୍ୱାଳ, ଲୀନା ନାୟକ ଓ ରାଜ୍ୟ ବିଜେଡି ସଦସ୍ୟ ପ୍ରଶାନ୍ତ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ନଗର ସଭାପତି ଆର୍ତ୍ତ ମହାରଣାଙ୍କ ନେତୃତ୍ୱରେ ପ୍ରଶାନ୍ତ ସେଠୀ, ବଂଶୀଧର ପରିଡ଼ା, ପ୍ରହ୍ଲାଦ ନାୟକ, ପ୍ରଫୁଲ୍ଲ ନାୟକ, ଧର୍ମାନନ୍ଦ ବିଶ୍ୱାଳ, ବିରାଜ ବିଶ୍ୱାଳ, ଜୟନ୍ତ ମଲ୍ଲିକ, ପ୍ରଭାତ କବି, ପରମାନନ୍ଦ ସେଠୀ, ଲୀନା ନାୟକ, ଜୟନ୍ତୀ ଦାସ,ସୀତା ସାବତ, ସୁମିତ୍ରା ସ୍ୱାଇଁ, ପ୍ରଭାକର ଚୌଧୁରୀ, ପଙ୍କଜ ସାମଲ, ପ୍ରିୟବ୍ରତ ଭଞ୍ଜ, ରାଜୀବ ପ୍ରତିହାରୀ ଓ ସୋସିଆଲ ମିଡିଆ ସଂଯୋଜକ ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ରାଜପଥରେ ଓଲଟିଲା ବସ୍



ରାଉରକେଲା, ୮।୧(ସମିସ): ସ୍ଥାନୀୟ ଦେଓଗାଁ ଏଲଏଣ୍ଡଟି ଗେଟ ନିକଟରେ ୧୪୩ ନମ୍ବର ଜାତୀୟ ରାଜପଥରେ ଶ୍ରୀ ଗଣେଷ ଯାତ୍ରୀବାହୀ ବସ ଓଲଟିପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସଟି ଡିଭାଇଡରରେ ପିଟି ହୋଇ ରାସ୍ତା ଉପରେ ଓଲଟି ପଡିଥିଲା। ତେବେ ବସଟି ଖାଲିଥିବାରୁ ଏହି ଘଟଣାରେ କେହି ମୃତାହତ ହୋଇନଥିବା ସୂଚନା ମିଳିଛି।

## ନକଲି ସୁନାକୁ ଅସଲି କହି ବିକୁଥିବା ଠକ ଗିରଫ

ରାଉରକେଲା, ୮।୧(ସମିସ): ନକଲି ସୁନାକୁ ଅସଲି ସୁନା କହି ବିକିବାକୁ ଆସିଥିବା ଏକ ଠକକୁ ରାଉରକେଲା ପ୍ଲାଣ୍ଟ ସାଇଟ୍ ପୁଲିସ ଗିରଫ କରିଛି। ଏହି ଠକ ଠାରୁ ପୁଲିସ ନକଲି ଏବଂ ଅସଲି ସୁନା ଜବତ କରି ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ ଆଜି ପୂର୍ବାହ୍ନରେ ଜଣେ ବ୍ୟକ୍ତି କିଛି ସୁନା ଗହଣା ନେଇ ଏମ୍‌ଏନ୍ ଅଳଙ୍କାରକୁ ବିକ୍ରି କରିବାକୁ ଆସିଥିଲେ। ଏମ୍‌ଏନ୍ ଅଳଙ୍କାର ମାଲିକ ସଞ୍ଜୟ ପ୍ରସାଦଙ୍କ ସନ୍ଦେହ ହେବାରୁ ସୁନା ପରୀକ୍ଷା ପରେ ଏହା ନକଲି ବୋଲି ଜଣାପଡ଼ିଥିଲା। ଏପରିକି ଅନ୍ୟ ଗହଣାରୁ ହଲ୍‌ମାର୍କ ଥିବା ଖଣ୍ଡକୁ କାଟି ନକଲି ଗହଣାରେ ଲଗାଇ ବିକ୍ରି କରିବାକୁ ଚେଷ୍ଟା କରିଥିଲା। ଏ ବାବଦରେ ସୁନା ଦୋକାନ ମାଲିକ ପୁଲିସକୁ ଖବର ଦେବାରୁ ଉକ୍ତ ଠକ ସେଠାରୁ ତୁରନ୍ତ ଫେରାର ହୋଇ ଯାଇଥିଲା। ଏହି ଠକ ବାବଦରେ ଏମ୍ ଏନ୍ ଜୁଏଲର୍ସ ମାଲିକ ସ୍ୱର୍ଣ୍ଣକାର ସଂଘ ଗ୍ରୁପ୍‌ରେ ମେସେଜ୍ ପଠାଇ ଦେଇଥିଲେ। ପରେ ସହରର ମୁଖ୍ୟ ମାର୍ଗରେ ଥିବା ଅଗ୍ରୱାଲ ଜୁଏଲର୍ସରେ ଏହି ଠକ ପହଞ୍ଚି ନକଲି ସୁନା ବିକ୍ରି କରିବାକୁ ଉଦ୍ୟମ କରୁଥିଲା ବେଳେ ଗ୍ରୁପରୁ ଏହି ସୂଚନା ପାଇ ଉକ୍ତ ଠକକୁ ଦେଖି ତୁରନ୍ତ ସେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଠକକୁ ଥାନାକୁ ଉଠାଇ ନେଇଥିଲେ। ଏହି ଠକ ରାଞ୍ଚିର ସନ୍ତୋଷ କୁମାର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତାଙ୍କ ନିକଟରୁ ପ୍ରାୟ ୩୦ ଗ୍ରାମ ଓଜନର ସୁନା ଅଳଙ୍କାର ଜବତ କରାଯାଇଥିଲା ବେଳେ ଏହା ଅସଲି କି ନକଲି ସୁନା ସେ ନେଇ ଅଧିକ ତଦନ୍ତ ଜାରି ରହିଛି।

## ଲୋକନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ 'କର୍ପୋରେଟ୍ ଯନ୍ତା' ମଞ୍ଚସ୍ଥ

ରାଉରକେଲା,୮।୧(ସମିସ) : ରାଉରକେଲା କଲଚରାଲ ଏକାଡେମୀ ଦ୍ୱାରା ଆୟୋଜିତ ୩୭ତମ ଲୋକନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଭୁବନେଶ୍ୱରର ଉତ୍କଳ ନାଟ୍ୟମ୍ ନାଟ୍ୟସଂସ୍ଥା ପକ୍ଷରୁ ନାଟକ 'କର୍ପୋରେଟ୍ ଯନ୍ତା' ମଞ୍ଚସ୍ଥ ହୋଇଯାଇଛି। ସ୍ଥାନୀୟ ସିଭିକ୍ ସେଣ୍ଟର୍ ଠାରେ କଲଚରାଲ ଏକାଡେମୀର ସଭାପତି ପଶୁପତି ନାଥ ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସନ୍ଧ୍ୟାରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଜିଏମ୍ ଅତିଥି ରଶ୍ମୀରଞ୍ଜନ ନାୟକ ଯୋଗ ଦେଇଥିଲେ। ଅନ୍ୟତମ ବରେଣ୍ୟ ଅତିଥି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ମୁଖ୍ୟ ପରିଚାଳକ ଖ୍ରୀଷ୍ଟସ୍ ବରଦାନ୍ ଲୁଗୁନ ଯୋଗଦେଇଥିଲେ। ଅନ୍ୟତମ ସମ୍ପାଦକ ଡ. ନଗେନ ଦାସ ମଞ୍ଚ ପରିଚାଳନା କରିଥିଲେ ଏବଂ ମୀନକେତନ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ। କଲଚରାଲ ଏକାଡେମୀର ସଦସ୍ୟ ସହ ଆବାହକ ଅକ୍ଷୟ ସାମଲ, ସାଧାରଣ ସମ୍ପାଦକ କାଶୀନାଥ ପାତ୍ର, ଡ. ଶ୍ରୀକାନ୍ତ ମହାନ୍ତି, ଗୋକୁଳାନନ୍ଦ ଦାଶ, ଅକ୍ଷୟ ପଣ୍ଡା, ଆଲୋକ ଘୋଷ, ଡା. କୃପାସିନ୍ଧୁ ନାୟକ, କିଶୋର ଚନ୍ଦ୍ର ବେହେରା, କେଦାରନାଥ ପ୍ରଧାନ, ବିଚିତ୍ରାନନ୍ଦ ସାହୁ, ବଳରାମ ରାଉଳ, ନିକୁଞ୍ଜ ରାଉତରାୟ, ବିଷ୍ଣୁପ୍ରିୟା ମହାପାତ୍ର, ସୁକାନ୍ତ ମହାପାତ୍ର, ମୀନକେତନ ପଶାୟତ ପ୍ରମୁଖ ସହଯୋଗ କରିଥିଲେ। ପରେ ପରେ ଭୁବନେଶ୍ୱରର ଉତ୍କଳ ନାଟ୍ୟମ୍ ନାଟ୍ୟସଂସ୍ଥା ପକ୍ଷରୁ ନାଟକ 'କର୍ପୋରେଟ୍ ଯନ୍ତା' ମଞ୍ଚସ୍ଥ ହୋଇଥିଲା। କଞ୍ଚିଗୁଡ଼ା ଆଦିବାସୀ ଅଧ୍ୟୁଷିତ ଗୋଟିଏ ଛୋଟିଆ ଗାଁ। ଯେଉଁଠି ପାଣି ନାହିଁ, ବିଜୁଳି ନାହିଁ, ହସ୍ପିଟାଲ୍ ନାହିଁ, ସ୍କୁଲ ନାହିଁ। ଲୋକଙ୍କ ପାଇଁ ଆସୁଥିବା ସରକାରୀ ଅନୁଦାନ କର୍ମଚାରୀ ଓ ରାଜନେତାଙ୍କ ଦ୍ୱାରା ହଡ଼ପ କରାଯାଏ। ଏହି ମର୍ମରେ ନାଟକ 'କର୍ପୋରେଟ୍ ଯନ୍ତା'। ନାଟକକୁ ସୁବାଷ ଚନ୍ଦ୍ର ପଣ୍ଡା ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ରାଧାଶ୍ୟାମ ମିଶ୍ର। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଶକ୍ତି ପ୍ରସାଦ ମିଶ୍ର।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ବଣାଇଁ,୮।୧(ସମିସ): ବଣାଇଁ ଥାନା କେନ୍ଦ୍ରିକଳା ଗ୍ରାମ ପଞ୍ଚାୟତ ନିକଟସ୍ଥ ବିଶାଳ ପ୍ଲାଣ୍ଟ ଛକ (ରୁଗୁଡ଼ି ବନ୍ଧ) ନିକଟ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ପଶ୍ଚିମବଙ୍ଗର ଏମ୍‌ଡି ମୁବାରକ (୪୨) ବଣାଇଁରେ ରହି ଘର ନିର୍ମାଣ ଠିକାଦାର ଭାବେ କାର୍ଯ୍ୟ କରୁଛନ୍ତି। ନାଗାଡିହି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘର ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ସନ୍ଧ୍ୟାରେ କାର୍ଯ୍ୟ ସାରି ସେ ବଣାଇଁ ଅଭିମୁଖେ ଫେରୁଥିବା ବେଳେ କେନ୍ଦ୍ରିକଳା ରୁଗୁଡି ବନ୍ଧ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ବାଇକ୍ ରୁ ଛିଟିକି ପଡ଼ି ରାସ୍ତା ଉପରେ ପଡ଼ିବାରୁ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ।




# ହେଲମେଟ୍ ଚେକିଂରେ ସୀମିତ ନ ରହୁ ଦୁର୍ଘଟଣାଜନିତ ମୃତ୍ୟୁଶୂନ୍ୟ ସପ୍ତାହ

ରାଉରକେଲା, ୮।୧(ସମିସ)

ପ୍ରତ୍ୟେକ ବର୍ଷ ସମଗ୍ର ଜିଲ୍ଲାରେ ଦୁର୍ଘଟଣା ଜନିତ ମୃତ୍ୟୁଶୂନ୍ୟ ସପ୍ତାହ ବା ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇ ଥାଏ। ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ତେବେ ରାଉରକେଲାରେ ଏହି ସମସ୍ୟାର ସମାଧାନ ପାଇଁ ଯେମିତି ଗୁରୁତ୍ୱ ଦିଆଯିବା କଥା, ସେଭଳି ଦିଆଯାଉ ନଥିବା ସହରର ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ଘଟଣା ପାଇଁ ଦାୟୀ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ନଦେଇ କେବଳ ଲୋକ ଦେଖାଣିଆ ଭାବେ ଏହା ପାଳନ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ଅନେକ ଜୀବନ ଯାଉଛି। ଏହାକୁ ରୋକିବା ପାଇଁ ଗାଡ଼ି ଗୁଡ଼ିକର ଲାଇଟ୍ ଓ ଅନ୍ୟାନ୍ୟ ମେକାନିକାଲ ଅଂଶକୁ ଠିକ୍ ରଖିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଟ୍ରାଫିକ୍ ନିୟମକୁ କଡ଼ାକଡ଼ି ପାଳନ କରିବା, ଜାତୀୟ ରାଜପଥ ଉପରୁ ଅଯଥା ହମ୍ପସ ଅପସାରଣ, ରାଜପଥରେ ଥିବା ଖାଲଖମା ମରାମତି, ଟୋଲ ଗେଟ ନିକଟରେ ଆମ୍ବୁଲାନ୍ସ ମହଜୁଦ ରଖିବା, ରାସ୍ତା ଏବଂ ବିଶେଷ କରି ପୋଲ ନିକଟରେ ସଚେତନତା ମୂଳକ ଏଲ୍‌ଇଡି ଲାଇଟ୍ ଲଗାଇବା ଉପରେ ସଚେତନ କରାଯିବା କଥା। ତେବେ ଏହି ସପ୍ତାହ ପାଳନ ଅବସରରେ କେବଳ ହେଲମେଟ୍ ଚେକିଂ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଅନ୍ୟ ଦିଗ ପ୍ରତି ଆଖି ବୁଜିଦିଆଯାଉଛି। ନାବାଳକ ବାଇକ୍ ଆରୋହୀଙ୍କ ପାଇଁ ରାସ୍ତାରେ ଅଧିକ ଦୁର୍ଘଟଣା ହେଉଥିବାବେଳେ ଏହାକୁ କେବଳ ସଚେତନତା ଦ୍ୱାରା ହିଁ ହ୍ରାସ କରାଯାଇପାରିବ। ତେବେ ବିଭିନ୍ନ ସ୍କୁଲ, କଲେଜରେ ଏନେଇ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯିବା ଜରୁରୀ। କେବଳ ଜିଲ୍ଲା ପ୍ରଶାସନ ନୁହେଁ; ବିଭିନ୍ନ ବେସରକାରୀ ସଂସ୍ଥାକୁ ଏଭଳି ସଚେତନତା ମୂଳକ କାର୍ଯ୍ୟକ୍ରମ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଏ ନେଇ ସେହି ସବୁ ସଂସ୍ଥାକୁ ସରକାରୀ ସହାୟତା ମିଳିଛି। ମାତ୍ର ସେମାନଙ୍କ ପକ୍ଷରୁ ଯେମିତି ସଚେତନତା କରାଯିବା କଥା ତାହା କରାଯାଉନି। ସେହିଭଳି ପୁଲିସ ବିଭାଗ ପକ୍ଷରୁ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ପେଟ୍ରୋଲିଂ ଉପରେ ଯେମିତି ଦିଆଯିବା କଥା ତାହା ଦିଆଯାଉନି। ରାସ୍ତା ଉପରେ ଅଯଥା ପଡ଼ିରହି ଅବରୋଧ କରୁଥିବା ଗାଡ଼ିଗୁଡ଼ିକୁ ରାଜପଥ ଉପରୁ ହଟାଯାଉନି। ଦୁର୍ଘଟଣା ବୃଦ୍ଧି ହେବାର ଏହା ମଧ୍ୟ ଏକ କାରଣ ପାଲଟିଛି। ହକି ବିଶ୍ୱକପ ପୂର୍ବରୁ ବିଭିନ୍ନ ଅଞ୍ଚଳର ରାସ୍ତା ମରାମତି କରାଯାଇ ଥିଲା। ବର୍ତ୍ତମାନ୍ ତାହା ପୂର୍ବ ଅବସ୍ଥାକୁ ଆସିଥିବା ଅଭିଯୋଗ ହୋଇଛି। ବିଭିନ୍ନ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିବା ଦେଖାଦେଇଛି। ତେବେ ସଡ଼କ ଦୁର୍ଘଟଣା ବୃଦ୍ଧି ହେବାର ଏହା ଏକ କାରଣ ପାଲଟିଛି। ଏହି ସବୁ ସମସ୍ୟା ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉନି। ମାତ୍ର ହେଲମେଟ୍ ଯାଞ୍ଚକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସହରର ବିଭିନ୍ନ ସ୍ଥାନରେ ହେଲମେଟ୍ ଯାଞ୍ଚ କରିବା ସହ ଜରିମାନା ଆଦାୟ କରାଯାଉଛି। ତେବେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ କେବଳ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ମାତ୍ର ପରବର୍ତ୍ତୀ ଦିନଗୁଡ଼ିକରେ ସେମିତି କିଛି ସଚେତନତା କାର୍ଯ୍ୟକ୍ରମ କରାଯାଇ ନଥିବା ଅଭିଯୋଗ ଆସିଛି। ସହରରେ ଦୁର୍ଘଟଣା ହ୍ରାସ ପାଇଁ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଗଲେ ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ ସାଧିତ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।



## ଦିଲ୍ଲୀପ ରାୟଙ୍କୁ ମୁଁ ଯେମିତି ଜାଣେ

ବିଶିଷ୍ଟ ରାଜନେତା ଓ ସଫଳ ଉଦ୍ୟୋଗପତି ଦିଲ୍ଲୀପ ରାୟଙ୍କର ଆଜି ଜନ୍ମଦିନ, ଦୀର୍ଘ ତିନି ଦଶନ୍ଧି ଧରି ଅତି ନିକଟରୁ ତାଙ୍କୁ ଦେଖି ଆସୁଛି। ତାଙ୍କର ରାଜନୈତିକ ଏବଂ ବ୍ୟବସାୟୀଙ୍କ କାର୍ଯ୍ୟକ୍ରମ ଭିତରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଜଡ଼ିତ ଥିବାରୁ ତାଙ୍କର ଅଭୂତପୂର୍ବ ଉତ୍‌ଥାନ ଦେଖିଛି ଏବଂ ଅପ୍ରତ୍ୟାଶିତ ରାଜନୈତିକ ଫଳାଫଳ ବି ଦେଖିଛି, ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ତାଙ୍କ ଜନ୍ମ ଦିନରେ ତାଙ୍କ ବିଷୟରେ ଯାହା ଜାଣିଛି ତାହା ଉଲ୍ଲେଖ କରୁଛି।



### ଅପ୍ରତ୍ୟାଶିତ ନିର୍ବାଚନ ଫଳାଫଳ

୨୦୨୪ ବିଧାନସଭା ସାଧାରଣ ନିର୍ବାଚନରେ ରାଉରକେଲା ବିଧାନସଭା ନିର୍ବାଚନରେ ଦିଲ୍ଲୀପଙ୍କ ପରାଜୟ ଅତ୍ୟନ୍ତ ଅପ୍ରତ୍ୟାଶିତ ଏବଂ ଆଶ୍ଚର୍ଯ୍ୟଜନକ ଥିଲା। ଯାହା ତାଙ୍କର ସମସ୍ତ ଶୁଭେଚ୍ଛୁଙ୍କୁ ଆଚମ୍ବିତ କରିଦେଇଥିଲା। କାରଣ ୨୦୧୪ ମସିହା ସାଧାରଣ ନିର୍ବାଚନରେ ରାଉରକେଲାର ପ୍ରାର୍ଥୀ ହୋଇ ଯେତେବେଳ ଓଡ଼ିଶାରେ ବିଜେପି ମାତ୍ର ୯ଟା ସିଟ୍ ଜିତିଥିଲା ସେତେବେଳେ ଦିଲ୍ଲୀପ ପାଖାପାଖି ୧୦ ହଜାର ଭୋଟରେ ଜିତିଥିଲେ ଏବଂ ନିଜ ଉଦ୍ୟମରେ ସୁନ୍ଦରଗଡ଼ ଲୋକସଭା ବିଜେପି ପ୍ରାର୍ଥୀ ଜୁଏଲ ଓରାମ୍‌ଙ୍କୁ ଜିତାଇ ଆଣିଥିଲେ। ଯିଏକି ୨୦୧୪ ଲୋକସଭା ନିର୍ବାଚନରେ ବିଜେପିର ଏକମାତ୍ର ଲୋକସଭା ସଦସ୍ୟ ଥିଲେ। ଅଥଚ ୨୦୨୪ରେ ଯେତେବେଳ ବିଜେପି ପାଖାପାଖି ୯୦ ସିଟରେ ଜିତି ସରକାର ଗଢ଼ିବାରେ ସକ୍ଷମ ହେଉଛି ସେତେବେଳେ ଦିଲ୍ଲୀପ ନିର୍ବାଚନ ହାରିଯାଉଛନ୍ତି। ତେଣୁ ଏକାଧାରରେ ଅପ୍ରାତ୍ୟାଶିତ, ଆଶ୍ଚର୍ଯ୍ୟଜନକ, ଅବିଶ୍ୱସନୀୟ ଏବଂ ଭାଗ୍ୟର ବିଡ଼ମ୍ବନା।

### ପର୍ଯ୍ୟଟନ ଶିଳ୍ପର ପୂର୍ବ ଭାତତର ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ

କେବଳ ପୂର୍ବ ଭାରତରେ ଦିଲ୍ଲୀପ ଠିଆ କରିଛନ୍ତି ୧୪ରୁ ଊର୍ଦ୍ଧ୍ୱ ବିଳାସପୂର୍ଣ୍ଣ ପଞ୍ଚତାରକା ରିସୋର୍ଟ ଯାହା ମିଳିତ ଭାବରେ ତାଜ୍ ଗ୍ରୁପ ୬୮୦ ଓ ଓବରାଇ ଗ୍ରୁପଠାରୁ ଅଧିକ। ସମସ୍ତ ଭାରତ ବର୍ଷର ୮ଟି ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ, ବିହାର, ସିକିମ, ଛତିଶଗଡ଼, ଗୋଆ, ମହାରାଷ୍ଟ୍ର ପରେ ଦିଲ୍ଲୀପ ଏବେ ପାଦ ରଖିଛନ୍ତି ଦକ୍ଷିଣ ଭାରତର ଅନ୍ୟତମ ପ୍ରମୁଖ ରାଜ୍ୟ ଆନ୍ଧ୍ରପ୍ରଦେଶରେ। ଆନ୍ଧ୍ରପ୍ରଦେଶ ସରକାର ଭାଇଜାକ୍ ନଗର ନିକଟସ୍ଥ ନୂଆ ଅନ୍ତର୍ଜାତୀୟ ବିମାନବନ୍ଦର ଭୋଗପୁରମ ନିକଟରେ ବଙ୍ଗୋପସାଗର ସମ୍ମୁଖରେ ଏକ ପଞ୍ଚତାରକା ହୋଟେଲ ତିଆରିପାଇଁ ରାଜ୍ୟ ସରକାର ୪୦ ଏକର ଜାଗା ଅନୁମୋଦନ କରିଛନ୍ତି। ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଆସନ୍ତା ଜାନୁୟାରୀ ୨୭ ତାରିଖ ଦିନ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଗତ ନଭେମ୍ବର ୧୯ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ସାକ୍ଷାତ କରିବା ସମୟରେ ମୁଁ ଦିଲ୍ଲୀପ ରାୟଙ୍କ ସହ ଉପସ୍ଥିତ ଥିଲି। ସେ ଦିଲ୍ଲୀପ ରାୟଙ୍କୁ 'ଦିଲ୍ଲୀପ ବ୍ରଦର୍' ବୋଲି ସମ୍ବୋଧନ କରିବା ସହିତ ପୁରୁଣା ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୯୮ ମସିହା ଏନ୍‌ଡିଏ ସରକାର ଗଠନ ସମୟରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରିମଣ୍ଡଳ ପାଇଁ ୧୬ ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ ପଡୁଥିଲା, ସେତେବେଳେ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୂତଭାବେ ଦିଲ୍ଲୀପ ରାୟ ତତ୍କାଳୀନ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏବଂ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କୁ ଏନ୍‌ଡିଏ ସରକାରଙ୍କୁ ବାହ୍ୟ ସମର୍ଥନ କରାଇବା ପାଇଁ ମନାଇପାରିଥିଲେ। ସେଥିପାଇଁ ଦିଲ୍ଲୀପ ରାୟଙ୍କୁ ପ୍ରଧାନମନ୍ତ୍ରୀଙ୍କ 'କ୍ରାଇସେସ ମ୍ୟାନେଜର' ରୂପେ ସମ୍ବାଦପତ୍ରମାନଙ୍କରେ ଅଭିହିତ କରାଯାଇଥିଲା। ଯେତେବେଳେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, ଦିଲ୍ଲୀପ ରାୟଙ୍କୁ କହିଲେ ପର୍ଯ୍ୟଟନ କ୍ଷେତ୍ରରେ ତୁମେ ମୋର ପ୍ରଥମ ପସନ୍ଦ। ଜବାବରେ ଦିଲ୍ଲୀପ ତାଙ୍କୁ କହିଥିଲେ ଯେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଭାଇଜାକ୍‌ଠାରେ ସେ ଭାରତ ବର୍ଷର ଅନ୍ୟତମ ଶ୍ରେଷ୍ଠ ରିସର୍ଟ ପ୍ରତିଷ୍ଠା କରିବେ।

### ମେ ଫେୟାର 'ମାନର' ଆଲିବାଗ

ମୁମ୍ବାଇ ସହରରୁ ୯୦ କିଲୋମିଟର ଦୂରରେ ଆରବ ସାଗର ସମ୍ମୁଖରେ ମେ ଫେୟାର ମାନର ରିସର୍ଟ ନିର୍ମାଣ କରାଯାଇଛି ଯାହାକି 'ଗେଟ୍ ଅଫ୍ ଇଣ୍ଡିଅ' ପାଖରୁ ଜଳପଥରେ ଆରବ ସାଗର ମଧ୍ୟ ଦେଇ ଯାଇହେବ। ଆଲିବାଗ ବଲିଉଡ୍ ଚଳଚିତ୍ର ଜଗତର ତାରକାମାନଙ୍କ ପାଇଁ ମନପସନ୍ଦର ସି-ବିଚ୍। ଅଷ୍ଟମ ରାଜ୍ୟଭାବେ ମେ ଫେୟାର 'ମହାରାଷ୍ଟ୍ର' ରାଜ୍ୟରେ ପ୍ରବେଶ କରିଛି। କ୍ଷିପ୍ର ଗତିରେ ଆଗେଇ ଚାଲିଥିବା ଅନ୍ୟ ତିନୋଟି ରିସର୍ଟ ମେ ଫେୟାର 'ସାତୁଂଆରି' କନ୍‌ଭେନସନ ଆଣ୍ଡ ରିସର୍ଟ ଯାହାକି ଚନ୍ଦ୍ରଶେଖରପୁର (ଭରତପୁର) ଜଙ୍ଗଲର ହାତୀ କରିଡ଼ର ନିକଟରେ ନିର୍ମାଣ ଚାଲିଛି ଯାହାକି ପୂର୍ବଭାରତର ସବୁଠାରୁ ବଡ଼ କନଭେନସନ ହଲ, ଯେଉଁଠାରେ ଏକକାଳୀନ ୪୫୦୦ ବ୍ୟକ୍ତି ବସିପାରିବେ ଏବଂ ପାଖାପାଖି ସାତସହ (୭୦୦) ଗାଡ଼ି ପାର୍କିଙ୍ଗ କରିବାର ବ୍ୟବସ୍ଥା ରହିଛି, ତାହା ୨୦୨୫ ଡିସେମ୍ବର ମାସରେ ଲୋକାର୍ପିତ ହେବାର ସମ୍ଭାବନା ରହିଛି। ତତ୍‌ସହିତ ବଙ୍ଗୋପସାଗର ସମ୍ମୁଖରେ ପାରଦ୍ୱୀପ ଠାରେ ଏବଂ ଚିଲିକା ମୁହାଁଣ ସାତପଡ଼ା ଠାରେ ମଧ୍ୟ ମେ ଫେୟାର ରିସୋର୍ଟର କାମ ଆଗେଇ ଚାଲିଛି। ଆକଳନ ଅନୁସାରେ ୨୦୨୭ ସୁଦ୍ଧା ୨୫ରୁ ଊର୍ଦ୍ଧ୍ୱ ରିସୋର୍ଟ ନିର୍ମାଣ କରିବାରେ ମେ ଫେୟାର ସଫଳ ହୋଇ ସାରିଥିବ।

ଆଜି ତାଙ୍କ ଜନ୍ମ ଦିବସରେ ଜଣେ ସଫଳ ଉଦ୍ୟୋଗପତି ହିସାବରେ ତାଙ୍କର ଦୀର୍ଘତମ ଯାତ୍ରା ଭିତରେ ସେ ନିଜେ ଜଣେ ଓଡ଼ିଆ ଏ କଥା ସେ କେବେ ଭୁଲିନାହାନ୍ତି। ତାଙ୍କର ପର୍ଯ୍ୟଟନ ଶିଳ୍ପରେ ୯୦ ଭାଗରୁ ବେଶି ଅର୍ଥାତ ଅଦ୍ୟାବଧି କାର୍ଯ୍ୟରତ ୫୦୦୦ କର୍ମଚାରୀ ଭିତରୁ ଓଡ଼ିଶା କର୍ମଚାରୀ ସଂଖ୍ୟା ୪୫୦୦ ରୁ ବେଶି। ଆଜି ଏମିତି ଜଣେ ସୁଯୋଗ୍ୟ ସନ୍ତାନଙ୍କର ଦୀର୍ଘ ଜୀବନ କାମନା କରିବା ସହିତ ଯୁବ-ଛାତ୍ର ପିଢ଼ି ତାଙ୍କୁ ଅନୁକରଣ କରି ଓଡ଼ିଶା ତଥା ଓଡ଼ିଆ ଜାତିପାଇଁ ଗୌରବ ଆଣି ପାରିଲେ, ତାଙ୍କ ଜନ୍ମଦିନରେ ତାଙ୍କ ପାଇଁ ଏହା ହେବ ଶ୍ରେଷ୍ଠ ଉପହାର।

ଦୁର୍ଗାପ୍ରସାଦ ମହାନ୍ତି
ରାଜନୈତିକ ସଚିବ
ମୋ : ୯୪୩୭୦୦୧୬୧୮



# 'ଘୁମୁରା'ରେ ଝୁଲୁକୁଛି କଳାହାଣ୍ଡି

## କୋକସରାରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଘାଟିତ



**କୋକସରା, ୮ ।୧(ସମିସ):** ଅତୀତର ଏକ ସମୃଦ୍ଧ ସଭ୍ୟତା ଓ ସଂସ୍କୃତିର ପୃଷ୍ଠଭୂମି ଉପରେ କଳାହାଣ୍ଡି ପ୍ରତିଷ୍ଠିତ। ଏହି ମାଟି କଳା ସଂସ୍କୃତିର ଗନ୍ତାଘର। ପ୍ରାଚୁର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ। ତେବେ କଳାହାଣ୍ଡି ଉତ୍ସବ 'ଘୁମୁରା' ଦ୍ୱାରା ସାଂସ୍କୃତିକ ସମନ୍ୱୟ ଘଟିଛି। କୋକସରାରେ ଆୟୋଜିତ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ର ଉଦଘାଟନୀ ସମାରୋହରେ ଏହି ମତ ପ୍ରକାଶ ପାଇଛି। ପ୍ରଥମେ କଳାହାଣ୍ଡିର ଆରାଧ୍ୟ ଦେବତା ଆମପାଣିର ବୁଢ଼ାରଜା ଦେବଙ୍କ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା କୋକସରା ପହଞ୍ଚିଥିଲା। ଏହାପରେ ଲଡୁଗାଁରୁ ଶୀତଳା ଦେବୀ, ଏବଂ କୋକସରା ମା' ଠାକୁରାଣୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରିଥିଲା। ସମସ୍ତ ଦେବଦେବୀଙ୍କ ମଶାଲ ଏକତ୍ରିତ ହେବା ପରେ ପାରମ୍ପରିକ ବାଦ୍ୟ, ଯାଦବ ସଂସ୍କୃତିର ମହାନ ବିଭବ ମାଝୀଗୁଡାର ବନାବାଡି, ରାଜ ମୋଟେର ସଂକୀର୍ତ୍ତନ ଦଳ, କାସିବାହାଲର ବିରବାଧ ଘୁମୁରା ଦଳ, କଣ୍ଢେଇ ନାଚ, ଶତନାମ ନୃତ୍ୟ ସହ ଆଦିବାସୀ ବେଶଭୂଷାରେ ବିଭିନ୍ନ ନୃତ୍ୟ ଦଳ ମଶାଲ ଯାତ୍ରାରେ ସାମିଲ ହୋଇଥିଲେ। ଦେବାଦେବୀଙ୍କ ମଶାଲ ଉତ୍ସବ ପଡ଼ିଆ ନିକଟରେ ପହଞ୍ଚିବା ପରେ ଗୁଡହାଣ୍ଡି ମଞ୍ଚ ନିକଟକୁ ପାଛୋଟି ନେଇ ମଶାଲ ସ୍ଥାପନ କରିଥିଲେ।

କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଡିଓ ହିମାଞ୍ଚଳ ମାଝୀ, ତହସିଲଦାର ନବୀନ କିଶୋର ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, କୋକସରା ଜୋନ ଜିଲ୍ଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ମୋଟେର ଜୋନ ଜିଲ୍ଲାପରିଷଦ ବୈଜୟନ୍ତୀ ପୁଝାରୀ, ସମିତି ସଭ୍ୟ ସଭାପତି ଘନଶ୍ୟାମ ନାଏକ ପ୍ରମୁଖ ମଞ୍ଚାସିନ ଥିଲେ।

କୋକସରା ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାଷ୍ୟକାର ପଙ୍କଜମୁଖ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ବିଡ଼ିଓ ହିମାଞ୍ଚଳ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ସାଂସ୍କୃତିକ ଦଳ ମନୋରଞ୍ଜନ କାର୍ଯ୍ୟକ୍ରମ କଳା ପ୍ରଦର୍ଶନ କରିଥିଲେ। କବିତା ପାଠୋତ୍ସବ କମିଟିର ଆବାହକ ମୋହନ ଚରଣ ବିଶିଙ୍କ ଆବାହକତ୍ୱରେ କଳାହାଣ୍ଡିର କଳା, ସଂସ୍କୃତି, ସଭ୍ୟତାକୁ ନେଇ କବି ମାନେ କବିତା ପାଠ କରିଥିଲେ। ଉତ୍ସବ କମିଟି ପକ୍ଷରୁ ସ୍ୱତନ୍ତ୍ର ଭାବେ ଷ୍ଟଲ କରିଥିବାବେଳେ କୃଷି ବିଭାଗ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ସ୍ୱାସ୍ଥ୍ୟ ବିଭାଗ, ମିଶନ ଶକ୍ତି ମାଧ୍ୟରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଛତୁ, ଧୁପକାଠି, ଜୈବିକ ସାର, କୁମ୍ଭକାରମାନଙ୍କ ମାଟି ତିଆରି ସାମଗ୍ରୀ ଆଦି ପ୍ରଦର୍ଶିତ ହୋଇଛି। ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା, ଏପିଓ ଶତିଶ୍ ରଞ୍ଜନ ବେହେରା, ପିଇଓ ବିରଞ୍ଚି ଖର୍ସେଲ, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରାଙ୍କ ସମେତ ଉତ୍ସବ କମିଟିର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଗୋବର୍ଦ୍ଧନପୁର ପଞ୍ଚାୟତସ୍ତରୀୟ ଉତ୍ସବ ଉଦ୍‌ଯାପିତ



**ଲାଞ୍ଜିଗଡ଼, ୮ ।୧ (ସମିସ):** ଗୋବର୍ଦ୍ଧନପୁର ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଶେଷ ହୋଇଛି। ସରପଞ୍ଚ ବୈଦେହୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ନାଏବ ସରପଞ୍ଚ ସଞ୍ଜୀବ ପଣ୍ଡା, ବରିଷ୍ଠ ନାଗରିକ କାର୍ତ୍ତିକେଶ୍ୱର ବେହେରା, ଆଶୁକବି ମଧୁସୂଦନ ରାଉତ, ଶିକ୍ଷକ ପାର୍ଥ ଶବର, ଗୋବର୍ଦ୍ଧନପୁର କ୍ଲଷ୍ଟର ସଂଯୋଜକ ଗୌରବ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ନିର୍ବାହୀ ଅଧିକାରୀ ଅମରସିଂ ପୁଝାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷାବିତ ତପନ ଭୋଇ ସଭା ପରିଚାଳନା କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ମଧୁପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଦବ୍ୟାସ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମାଝୀ, ପ୍ରସନ୍ନ ପରିଡ଼ା, ସୁବନ ଭୋଇ, ରୂପାଧର ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଚିନ୍ତାମଣି ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ, ରଞ୍ଜନ ବୁଦ୍ଧିଆ, ସନ୍ତୋଷ ପରିଡ଼ା, ମାନସରଞ୍ଜନ ଦୀପ, ଦୈତାରୀ ମାଝୀ, ବେଣୁଧର ଶବର, ସୋନାଲିକା ପାଢ଼ୀ, ଲୋକନାଥ ହରିଜନ, ସୁଜିତ ସାହୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ରସବତୀ ସୁନାନୀଙ୍କ ସମେତ ତପନ ମାଝୀ, ଏଡିଇଓ ମେଘାଳୟ ନାୟକ, ଯୋଗାଣ ସହାୟକ କମଳ ମାଝୀ, ଚନ୍ଦ୍ରଶେଖର ମାଝୀ, ଜଗମୋହନ ଛତର, ଦ୍ୱିତୀବାହନ ପଧାନ ପ୍ରମୁଖ ପରିଚାଳନାରେ ଭୂମିକା ଗ୍ରହଣ କରିଥିଲେ। ସାମ୍ବାଦିକ ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିବାବେଳେ ଛାତ୍ରୀ ମନୀଷା ଦୁର୍ଗା, ନିହାରିକା ବିଶ୍ୱାଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଳାହାଣ୍ଡି ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**ଭବାନୀପାଟଣା, ୮ ।୧ (ସମିସ):** ପ୍ରତିଯୋଗିତାରେ ସଂସ୍କୃତି ଓ ପରମ୍ପରାର ଝଲକ ଦିଶୁଛି। ଖୁବ୍ କମ୍ ଦିନ ମଧ୍ୟରେ ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ଅନୁଷ୍ଠିତ ହେବ। ଜିଲ୍ଲାର ବିଭିନ୍ନ ସ୍ଥାନରେ ପଞ୍ଚାୟତ, ବ୍ଲକ ଓ ପୌରପଳିକାସ୍ତରୀୟ କଳାହାଣ୍ଡି ଉତ୍ସବ ଆୟୋଜିତ ହୋଇଯାଇଛି। ଭବାନୀପାଟଣା ପୌର ପାଳିକାରେ ମଧ୍ୟ ୨୭ ତମ କଳାହାଣ୍ଡି ଉତ୍ସବ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ର ଆୟୋଜନ କରାଯାଇଥିଲା। ଝୋଟି, ହୁଳହୁଳି, ମେହେନ୍ଦି, ଘୁମୁରା, ବନ୍ଧୁକ ଚାଳନା, ଚିତ୍ରକଳା ଭଳି ଅନେକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

## ଭବାନୀପାଟଣାରେ 'ଘୁମୁରା' ପାଇଁ ବ୍ୟାପକ ପ୍ରସ୍ତୁତି

**ଭବାନୀପାଟଣା, ୮ ।୧(ସମିସ):** କାହାଣ୍ଡିର କଳା, ସଂସ୍କୃତି, ଐତିହ, ପରମ୍ପରାରର ବାର୍ତ୍ତାବହ କଳାହାଣ୍ଡି ଉତ୍ସବ ଘୁମୁରା ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ, ଉତ୍ସବ ପାଳନ ସବ୍ କମିଟିର ଆବଶ୍ୟକ ପୂର୍ବ ପ୍ରସ୍ତୁତି ଜାରି ରହିଛି। ଏହି ଅବସରରେ ବୁଧବାର ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଇନ୍ଦ୍ରଜିତ ମହାଖୁଡ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲା ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ, ଉପ ସମିତି ଉପାଧ୍ୟକ୍ଷ ଚିତ୍ତ ରଞ୍ଜନ ପାତ୍ର, ଆବାହକ ଆଲୋକ ସାହୁଙ୍କ ସମେତ ଉପ ସମିତିର ଅନ୍ୟ ସଦସ୍ୟ ଯୋଗ ଦେଇଥିଲେ। ନୀଳାଞ୍ଚଳ ପାନ୍ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ନାଚଗୀତରେ ଜମୁଛି ସୁବର୍ଣ୍ଣ ଲୋକ ମହୋତ୍ସବ

**ସୁବର୍ଣ୍ଣପୁର, ୮।୧(ସମିସ):** ରାମେଶ୍ୱର ଷ୍ଟାଡିୟମର ଫକୀର ପଟ୍ଟନାୟକ ଖୋଲା ମଞ୍ଚରେ ଚାଲିଥିବା ସୁବର୍ଣ୍ଣ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଆୟୋଜିତ ପାରମ୍ପରିକ ନୃତ୍ୟଗୀତରେ ଦର୍ଶକମାନେ ଝୁମିଥିବା ଦେଖିବାକୁ ମିଳିଛି। ଜିଲ୍ଲାର ଅନେକ କଳାକାରଙ୍କ ସମେତ ବିଭିନ୍ନ ଜିଲ୍ଲା ଏବଂ ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ ଦଳ ମନମୁଗ୍ଧକର ନୃତ୍ୟ ପରିବେଷଣ କରିଥିଲେ। ଆସାମର ବିହୁ ନୃତ୍ୟ ଦଳ ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହାସହ ପଞ୍ଜାବର ଭାଙ୍ଗଡ଼ା, ମଥୁରାର ମୟୁରୀ ନୃତ୍ୟ ପରିବେଷଣ କରି ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରି ଦେଇଥିଲେ। ବୁଧବାର ବିନିକା ରୁମକୁଝୁମାନା ଓ ଉଲୁଣ୍ଡା ଦଣ୍ଡନୃତ୍ୟ ଆଦି ଉତ୍ସବରେ ଧୁମ୍ ଜମିଥିଲା। ପ୍ରାରମ୍ଭରେ ସ୍ଥାନୀୟ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲୋ, ପୌରାଧ୍ୟକ୍ଷା ତାମସି ତାମସ୍ମିତା ନାଏକ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ବୀରମହାରାଜପୁର ଉପାଧ୍ୟକ୍ଷ ନାରାୟଣ ଲୁହା, ବିନିକା ବ୍ଲକ ଅଧ୍ୟକ୍ଷା ଦୀପ୍ତିରେଖା ନନ୍ଦ ଓ ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ପ୍ରମୁଖ ଯୋଗଦେଇଥିଲେ।



## ଥୁଆମୂଳ ରାମପୁର ବ୍ଲକସ୍ତରୀୟ ଉତ୍ସବ ଉଦ୍‌ଯାପିତ



**ଥୁଆମୂଳ ରାମପୁର, ୮ ।୧(ସମିସ):** ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଥୁଆମୂଳ ରାମପୁରରେ ଦୁଇ ଦିନିଆ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦଯାପିତ ହୋଇଯାଇଛି। କଳାର ହାଣ୍ଡି କଳାହାଣ୍ଡି। କଳା ବଞ୍ଚିଲେ କଳାକାର ବଞ୍ଚିବ। କଳାକାର ବଞ୍ଚିଲେ କଳାର ବିକାଶ ହେବ। ଅଞ୍ଚଳର ବିଲୁପ୍ତ ସଂସ୍କୃତି ଏବଂ ଏବଂ ପରମ୍ପରା ପୁନଃ ଉଜ୍ଜିବୀତ ହେବ। କଳାହାଣ୍ଡି ଉତ୍ସବ ଏକ ବନ୍ଧୁମିଳନର ଉତ୍ସବ। ଲୋକ ବାଦ୍ୟ, ଲୋକ ନୃତ୍ୟ, ଲୋକ କଳା, ଲୋକ ପରମ୍ପରା, ଲୋକ ସଂସ୍କୃତିକୁ ବଜାୟ ରଖିବା ହିଁ କଳାହାଣ୍ଡି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏଥିରେ ମତ ପ୍ରକାଶ ପାଇଛି। ଥୁଆମୂଳ ରାମପୁର ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସଭାର ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ, ସମ୍ମାନୀତ ଅତିଥି ସାଂସଦ ପ୍ରତିନିଧି ପବିତ୍ର ନାଏକ, ବିଇଓ ପ୍ରଭାତୀ ନଳିନୀ ଠାକୁର, ଏବିଇଓ ହେମନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କିରଣ ଧଙ୍ଗଡ଼ାମାଝୀ ଓ କେଶବ ନାଏକଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥୁଆମୂଳ ରାମପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରଦ୍ୟୁମ୍ନ ଦାଶ, ଥାନା ସବ୍ ଇନ୍ସପେକ୍ଟର ଶେଖର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଜିତ ଦୁର୍ଗା, ଚିଚିନ ମାଝୀ ସହଯୋଗୀଙ୍କ ସହ ମଞ୍ଚକୁ ଆକର୍ଷଣୀୟ ରୂପ ଦେଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର ମହାନନ୍ଦ, ସତ୍ୟ ନାରାୟଣ ବେହେରା, ପ୍ରତାପ ସାହୁ; ଶମ୍ଭୁନାଥ କେଙ୍ଗୁଆ, ବିଏସ୍ଏସ୍‌ଓ ସୁନାରାମ୍ ହେମ୍ବ୍ରମ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭଜିତ ସ୍ୱାଇଁ, ଆବାସ ଯୋଜନା ସଂଯୋଜକ ରାଜେନ୍ଦ୍ର ନାରାୟଣ ଦେବ, ଅନାଦି ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଚାର ଗାଡ଼ିର ଶୁଭାରମ୍ଭ

**ଧର୍ମଗଡ଼, ୮ ।୧(ସମିସ):** ଧର୍ମଗଡ଼ରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସମ୍ପ୍ରସାରିତ କଳାହାଣ୍ଡି ଉତ୍ସବ ଘୁମୁରା-୨୫ ପାଇଁ ପ୍ରଚାର ପ୍ରସାର କାର୍ଯ୍ୟର ଶୁଭାରମ୍ଭ ହୋଇଛି। ମା' ଭଣ୍ଡାର ଘରଣୀଙ୍କ ପୂଜାର୍ଚ୍ଚନା ପରେ ଉତ୍ସବ କମିଟି ଅଧ୍ୟକ୍ଷ ତଥା ଧର୍ମଗଡ଼ ଉପ ଜିଲ୍ଲାପାଳ ଧୀମାନ ଚକମା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରଚାର ପ୍ରସାର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଜାଲ, ଉପସଭାପତି ବୈଦ୍ୟନାଥ ବେହେରା, କ୍ରୀଡ଼ା କମିଟି ଅଧ୍ୟକ୍ଷ ସନ୍ତୋଷ ପାଣିଗ୍ରାହୀ, ଫାଇନାନ୍ସ କମିଟି ଉପାଧ୍ୟକ୍ଷ ପୂର୍ବତନ ଏନଏସି ଅଧ୍ୟକ୍ଷା ସୁଶ୍ରୀ ହୀରା ବାଗ, ଇଙ୍ଗିତ ପଣ୍ଡା, ଗ୍ରୀନ ରୁମ୍ କମିଟି ଉପସଭାପତି ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୫, ୧୬ ଓ ୧୭ରେ ସ୍ଥାନୀୟ ଖେଳ ପଡ଼ିଆରେ ଉତ୍ସବ ଆୟୋଜିତ ହେବ।



## ଗାଇଗାଁ, ଅଧମୁଣ୍ଡା, ବେଲଖଣ୍ଡିରେ କଳାହାଣ୍ଡି ଉତ୍ସବ

**କେସିଙ୍ଗା, ୮ ।୧(ସମିସ):** କେସିଙ୍ଗା ବ୍ଲକର ଗାଇଗାଁ, ଅଧମୁଣ୍ଡା, ବେଲଖଣ୍ଡି ପଞ୍ଚାୟତରେ କଳାହାଣ୍ଡି ଉତ୍ସବ ଘୁମୁରା ପାଳିତ ହୋଇଛି। ଗାଇଗାଆଁରେ ଭାରାପ୍ରାପ୍ତ ସରପଞ୍ଚ ଲେମ୍ବୁବତି ଶବରଙ୍କ ସଭାପତିତ୍ୱ କରିଥିଲେ। ବେଲଖଣ୍ଡି ପଞ୍ଚାୟତରେ ସରପଞ୍ଚ ସୁଶାନ୍ତ ବାଗ ସଭାପତିତ୍ୱ କରିଥିବାବେଳେ ଅଧମୁଣ୍ଡା ପଞ୍ଚାୟତରେ ସରପଞ୍ଚ ଜ୍ୟୋସ୍ନା ନାଏକ ସଭାପତିତ୍ୱ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଚନ୍ଦନ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଏବଡ଼ିଓ ସିଦ୍ଧେଶ୍ୱର ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ବୌଦ୍ଧ ମହୋତ୍ସବ ମଞ୍ଚ ନାମକରଣକୁ ନେଇ ବିବାଦ

**ବୌଦ୍ଧ, ୮ ।୧(ସମିସ):** ସ୍ଥାନୀୟ କଚେରୀ ପଡ଼ିଆରେ ଜାନୁଆରୀ ୨ରୁ ୬ ତାରିଖ ପର୍ଯ୍ୟନ୍ତ ଚଳିତ ବୌଦ୍ଧ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ତେବେ ମହୋତ୍ସବ ମଞ୍ଚ ନାମକରଣକୁ ନେଇ ବିବାଦ ସୃଷ୍ଟି ହୋଇଛି। ମହୋତ୍ସବ ପ୍ରସ୍ତୁତି ବୈଠକରେ ବୌଦ୍ଧ ନାଗରିକ କମିଟି ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟି ମହୋତ୍ସବ ମଞ୍ଚର ନାମ ବୌଦ୍ଧ ମାଟିର ଗର୍ବ ଓ ଗୌରବ ଦିବଙ୍ଗତ ପଦ୍ମଶ୍ରୀ ଡ. ସାଧୁ ମେହେରଙ୍କ ନାମରେ ନାମିତ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ସମ୍ମାନନୀୟ ନାଗରିକ, ବୁଦ୍ଧିଜିବୀ, ଗଣମାଧ୍ୟମ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, ନିର୍ବାଚିତ ପ୍ରତିନିଧି, ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସର୍ବସମ୍ମତ କ୍ରମେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ତେବେ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦେଇ ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର ପୂର୍ବରୁ ଏହି ମଞ୍ଚର ନାମ ବୁଦ୍ଧ ମଞ୍ଚ ନାମରେ ନାମିତ ଥିଲା ଏବଂ ରାଜନୈତିକ ଉଦ୍ଦେଶ୍ୟ ରଖି ମଞ୍ଚର ନାମ ପରିବର୍ତ୍ତନ କରାଯାଇଥିବା ବକ୍ତବ୍ୟ ରଖିଥିଲେ। ତେବେ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଞ୍ଚର ନାମ ବୁଦ୍ଧ ମଣ୍ଡପ ରଖାଯିବା ପାଇଁ ବୌଦ୍ଧ ଏନ୍‌ଏସି କିମ୍ବା ପ୍ରଶାସନିକ ସ୍ତରରେ କୌଣସି ରିଜୋଲ୍ୟୁସନ କରା ନ ଯାଇ ତତ୍କାଳୀନ ପ୍ରଶାସକ ଏବଂ ନିର୍ବାଚିତ ପ୍ରତିନିଧିମାନେ ମନଇଚ୍ଛା ନାମକରଣ କରିଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ବିଜେଡି ନେତା ଅଶୋକ ସାହୁ ଏବଂ ପୂର୍ବତନ ଉପ ନଗରପାଳ ବସନ୍ତ ସ୍ୱାଇଁ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ପ୍ରଧାନ ମଞ୍ଚ ନାମକରଣ ସଂକ୍ରାନ୍ତରେ ଲୋକଙ୍କ ସମ୍ମୁଖରେ ମିଥ୍ୟା ଏବଂ ବିଭ୍ରାନ୍ତିକର ତଥ୍ୟ ଦେଇଛନ୍ତି ବୋଲି କହିଛନ୍ତି।

## ଜିଲ୍ଲାପାଳଙ୍କୁ ସପ୍ତାହେ ସମୟ ଦେଲା ଲିବ୍ସ

● ୧୭ରେ ଧାରଣା ଦେବ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି



**ନୂଆପଡ଼ା, ୮।୧(ସମିସ):** ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି (ଲିବ୍ସ) ବୁଧବାର ଜିଲ୍ଲା ପ୍ରଶାସନକୁ ଭେଟିଛି। ସଭାପତି ନିତ୍ୟାନନ୍ଦ ପ୍ରଧାନ, ସମ୍ପାଦକ ଗୋପୀନାଥ ଗଉଡ଼ ପ୍ରମୁଖ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସପ୍ତାହକ ମଧ୍ୟରେ ସେମାନଙ୍କ ପୂରଣ କରିବାକୁ ଅନୁରୋଧ କରିଛନ୍ତି। ଅନ୍ୟଥା ୧୭ତାରିଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ଥଇଥାନ ସକାଶେ ଆରପିଡିଏସି ବୈଠକ ଥଇଥାନ ନୀତିର ବ୍ୟବସ୍ଥା ଅନୁଯାୟୀ ଅନୁଷ୍ଠିତ ହେଉନାହିଁ। ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ସମ୍ବନ୍ଧରେ ଶେଷଥର ଲାଗି ଆରପିଡିଏସି ବୈଠକ ୨୦୨୨ରେ ହୋଇଥିଲା। ବିସ୍ଥାପିତ ଏବଂ ପ୍ରଭାବିତ ପରିବାରଗୁଡିକ ବହୁତ ଆଶା ଏବଂ ଆସ୍ଥା ରଖିଥିଲେ। ଆଲୋଚନା ହୋଇଥିବା ବିଚାରାଧୀନ ପ୍ରସଙ୍ଗଗୁଡିକ ରିଜୋଲ୍ୟୁସନ୍ ଅନୁଯାୟୀ ସମାଧାନ କରାଯିବା କଥା; କିନ୍ତୁ ତାହା ଆଜି ପର୍ଯ୍ୟନ୍ତ ହୋଇ ନାହିଁ। ଏପରିକି ମୃତକଙ୍କ ନାମରେ ମିଥ୍ୟା କାଗଜାତ ଦାଖଲ କରି ଟଙ୍କା ହଡ଼ପ ହୋଇଥିବା ମଧ୍ୟ ଅଭିଯୋଗ ହେଉଛି। ଏ ଦିଗରେ ବାରମ୍ବାର ଅଭିଯୋଗ କଲେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ହେଉନାହିଁ। କୋର୍ଟରୁ ନିର୍ଦ୍ଦେଶ ପରେ ମଧ୍ୟ ବିସ୍ଥାପିତଙ୍କୁ ଜମିଜମା ସଂକ୍ରାନ୍ତୀୟ ସହାୟତା ରାଶି ପ୍ରଦାନରେ ସମ୍ପୃକ୍ତ ଅଧିକାରୀ ଉଦ୍ଦେଶ୍ୟ ମୂଳକ ଭାବେ ଅବହେଳା କରୁଛନ୍ତି। ଏହିଭଳି ୧୨ଟି ଅଭିଯୋଗ ତଥା ଦାବି ରହିଛି। ଏହା ଉପରେ ଦୃଷ୍ଟି ଦିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ତେବେ ଜିଲ୍ଲାପାଳ ଏ ଦିଗରେ ବିଚାର କରିବେ ବୋଲି ଏମାନଙ୍କୁ କଥା ଦେଇଛନ୍ତି।

## ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ



**ବୀରମହାରାଜପୁର, ୮।୧(ସମିସ):** ବୀରମହାରାଜପୁର ଧନୁଯାତ୍ରା ବୁଧବାର କଂସ ବଧ ସହ ଉଦ୍‌ଯାପିତ ହୋଇଛି। କିଶୋର ହୋତାଙ୍କ ସଭାପତିତ୍ୱରେ ଦରବାରରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁରର ପୂର୍ବତନ ବିଧାୟକ ପଦ୍ମନାଭ ବେହେରା ଓ ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ରଞ୍ଜିତ ରଥ, ଶ୍ରମିକ ନେତା ରଘୁବୀର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା କରିଥିବା ବେଳେ କମିଟିର ସମ୍ପାଦକ ଅକ୍ଷୟ ସରାଫ୍ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡ. ଦ୍ୱିତୀକୃଷ୍ଣ ପଣ୍ଡା, ଯୁଗଳ କିଶୋର ମିଶ୍ର ଓ ହୃଷିକେଶ ଚାନ୍ଦ ପ୍ରମୁଖଙ୍କ ସମେତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କଣ୍ଟାବାଞ୍ଜି ଏମ୍‌ସିଏଚ୍ ରେଷ୍ଟ ଇନ୍ ପିସ୍ ଭିଡିଓ ଭାଇରାଲ

**କଣ୍ଟାବାଞ୍ଜି, ୮ ।୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବ୍ୟବସ୍ଥାକୁ ନେଇ ଭିଡିଓ ଭାଇରାଲ ହେଉଛି। ବିଭିନ୍ନ ସମସ୍ୟାକୁ ନେଇ ବାରମ୍ବାର ଲୋକେ ଡାଗିତ କରୁଥିଲେ, ଦାବିପତ୍ର ପ୍ରଶାସନକୁ ଦେଇ ଅବଗତ କରାଉଥିଲେ। ହେଲେ କଣ୍ଟାବାଞ୍ଜି ସହରର କେହି ଜଣେ ଯୁବକ ସ୍ତ୍ରୀ ଓ ପସୂତି ବିଭାଗ ର ମୋବାଇଲରେ ସୁଟିଂ କରି ଏକ ଭିଡିଓ ଭାଇରାଲ କରିଛନ୍ତି। ଭିଡିଓ ରେ କହିଛନ୍ତି ଯେ କଣ୍ଟାବାଞ୍ଜି ଏମ୍‌ସିଏଚ ରେଷ୍ଟ ଇନ ପିସ ବୋଲି ସେ କହିଛନ୍ତି। ଏନେଇ ଭିଡିଓ ଭାଇରାଲ ହେବା ପରେ ବୁଧବାର ପୂର୍ବତ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା କଣ୍ଟାବାଞ୍ଜି ଡାକ୍ତରଖାନ ପରିଦର୍ଶନ କରି ରୋଗୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। କଣ୍ଟାବାଞ୍ଜି ଡାକ୍ତରଖାନ ଓ ଏମସିଏଚ କୋଠା ଘୋର ଅବ୍ୟବସ୍ଥା ଦେଇ ଗତି କରୁଛି। ଗତ ୨ ଦିନ ହେଲା ଡାକ୍ତରଖାନ ଅବ୍ୟବସ୍ଥାକୁ ନେ ଭିଡ଼ିଓ ଭାଇରାଲ ହେଉଛି ସେହି ସଚେତନ ନାଗରୀକଙ୍କୁ ମୁଁ ଧନ୍ୟବାଦ ଜଣାଇବି। ଗତ ୭ ମାସ ତଳେ ଯେଉଁ ପରି ଗୋଟିଏ ସୁନ୍ଦର ପରିବେଶ ରେ ଏମସିଏଚ କୁ ଛାଡି ଦିଆଯାଇଥିଲା। ବର୍ତ୍ତମାନ ତାହା ପୁରାପୁରି ଅବ୍ୟବସ୍ଥାରେ ଗତି କରୁଛା। ପୂର୍ବରୁ ଏହି ଆଖପାଖ ଅଞ୍ଚଳର ମହିଳାମାନେ ଡାକ୍ତରଖାନରେ ଠିକ ଭାବେ ପ୍ରସବ ହେଉଥିଲେ। ଡାକ୍ତର ଭଲ ଭାବରେ ଚିକିତ୍ସିଆ ସେବା ଯୋଗାଉଥିଲେ ଅନ୍ୟ ଡାକ୍ତରଖାନକୁ ରେଫର ହେଉନଥିଲେ। ବର୍ତ୍ତମାନ ଏହି ଡାକ୍ତରଖାନରେ ୨ଜଣ ପ୍ରସୂତି ବିଶେଷଜ୍ଞ ଡାକ୍ତରଙ୍କ ମଧ୍ୟ ଜଣେ ଛୁଟି ଅଛନ୍ତି ଅନ୍ୟ ଜଣେ ମନଇଚ୍ଛା ଡାକ୍ତରଖାନ ଆସୁଛନ୍ତି ଏଠାରେ ଡାକ୍ତର ରହୁନାହାନ୍ତି। ଯାହାଫଳରେ ଯେଉଁ ମହିଳା ପ୍ରସବ ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନ ଆସୁଛନ୍ତି ସେମାନେ ଫେରି ଯାଉଛନ୍ତି। ଗୋଟିଏ ସମୟରେ ଏହାର ନା ଥିଲା ଏବଂ ଏବେ ଏଠାରେ ଡାକ୍ତର ନାହାଁନ୍ତି ଯେଉଁ ଡାକ୍ତରମାନେ ଅଛନ୍ତି ସେମାନେ ଘରୋଇ କ୍ଲିନିକ୍‌ରେ ବସୁଛନ୍ତି ଡାକ୍ତରଖାନକୁ ଆସୁନାହାନ୍ତି। ମୁଁ ବିଧାୟକ ଥିବା ସମୟରେ ଗୋଟିଏ ବିଧାୟକ ପାଣ୍ଠିରୁ ଗୋଟିଏ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିଲା। ଯେଉଁଟା ଡାକ୍ତର ରେଫର କରିଥିବା ରୋଗୀଙ୍କୁ ମାଗଣାରେ ରାୟପୁର, କଟକ, ବଲାଙ୍ଗୀର, ବିଶାଖାପଟନମ ଭଳି ଡାକ୍ତରଖାନକୁ ମାଗଣା ଆମ୍ବୁଲାନ୍ସ ସେବା ଯୋଗାଇ ଦିଯାଉଥିଲା। କିନ୍ତୁ ନୂଆ କଣ୍ଟାବାଞ୍ଜି ଡାକ୍ତରଖାନ ରୋଗୀ କଲ୍ୟାଣ ସମିତି ଏକ ଅଦ୍ଭୁତ ନିୟମ କରିଛନ୍ତି ସେହି ଆମ୍ବୁଲାନ୍ସ ପର କିଲୋମିଟର ୧୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏବେ ଗରିବ ପରିବାରଙ୍କୁ ଆମ୍ବୁଲାନ୍ସ ସେବା ପାଇଁ କିଲୋମିଟର ପିଛା ୧୦ ଟଙ୍କା ଦେବାକୁ ପଡୁଛି। ବର୍ତ୍ତମାନ ସେହି ଆମ୍ବୁଲାନ୍ସକୁ ମଧ୍ୟ ଲୋକେ ବ୍ୟବହାର କରିବାକୁ ପ୍ରସ୍ତୁତ ନାହାଁନ୍ତି। କିଛି ଦିନ ଗଲେ ହାରାହାରି ୩୦ରୁ ୩୫ ଲକ୍ଷ ଟଙ୍କାର ଆମ୍ବୁଲାନ୍ସ ଆମେ ଦେଇଥିଲୁ ସେଇଟା ମଧ୍ୟ ଖତ ଖାଇବ। ଯଦି ଶ୍ରୀଘ୍ର ଏହାର ବ୍ୟବସ୍ଥା ନ କଲେ ଆମେ ଆନ୍ଦୋଳନ କରିବୁ ଡାକ୍ତରଖାନ ତାଲା ମାରିବୁ ବୋଲି ପୂର୍ବତନ ବିଧାୟକ ଶ୍ରୀ ସାଲୁଜା ଗଣମାଧ୍ୟମ ଜରିଆରେ ଖୋଲା ଚେତାବନୀ ଦେଇଛନ୍ତି।



**ଡାକ୍ତରଖାନ ଛାଡି ଘରୋଇ କ୍ଲିନିକରେ ଡାକ୍ତର**

**ଖତ ଖାଇବ ୩୫ ଲକ୍ଷ ଟଙ୍କାର ଆମ୍ବୁଲାନ୍ସ**

# ଜୀବନ ଶିକ୍ଷା ଶିବିର

**ତୁଷୁରା, ୮ ।୧(ସମିସ):** ଗୁଡଭେଲା ବ୍ଲକ ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ପିଏନ ଉଚ୍ଚ ବିଦ୍ୟାଳୟରେ ଜୀବନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଲଟିଆଇ ମାଇଣ୍ଡ ଟ୍ରି ଫାଉଣ୍ଡେସନ ସହାୟତାରେ ମହାଶକ୍ତି ଫାଉଣ୍ଡେସନ ତରଫରୁ ଅନୁଷ୍ଠିତ ଶିବିରକୁ ତେନ୍ତୁଳିଖୁଣ୍ଟି ସରପଞ୍ଚ ଗୁରୁଦାନନ୍ଦ ମହାନନ୍ଦ ଓ ତେନ୍ତୁଳିଖୁଣ୍ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଗ୍ନି କୁମାର ନାଏକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଓଏସିସ ଅଭିଯାନ ବାରୋଦ୍ରା, ଗୁଜୁରାଟରୁ କୁମାରୀ ରିୟା ତାଲିମ୍ ଶିବିରକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଉତ୍ତମ ଚରିତ୍ର ଗଠନ, ଜୀବନ ର ଲକ୍ଷ୍ୟ, ମୋ ଜୀବନ, ମୋ ପସନ୍ଦ, ଜୀବନର ସଫଳତାର ସୋପାନ, ଭାଗ୍ୟ ଓ କଠିନ ପରିଶ୍ରମ, ଆତ୍ମ ବିଶ୍ୱାସର ରହସ୍ୟ ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଶିବିରରେ ବିଦ୍ୟାଳୟର ୪୦ ଜଣ ଛାତ୍ର ଛାତ୍ରୀ ଯୋଗ ଦେଇଥିବା ବେଳେ ମହାଶକ୍ତିର ବ୍ଲକ ସଂଯୋଜକ ଧର୍ମ ସାଗର ପ୍ରଧାନ, ବରିଷ୍ଠ ପରିଚାଳକ ବାଳକୃଷ୍ଣ ରଥ, ନିହାରିକା ଶତପଥୀ, ଅମର କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

**୪୫ ଦିନରେ ଗନ୍ଧମାର୍ଦ୍ଦନ ଆନ୍ଦୋଳନ**

# ସରକାରୀ ସ୍ତରରେ ହେଉନି ଆଲୋଚନା

ବଲାଙ୍ଗିର, ୮ ।୧(ସମିସ)

ବଲାଙ୍ଗିରରେ ଗନ୍ଧମାର୍ଦ୍ଦନକୁ ନେଇ ବଢ଼ିଲା ବିବାଦ। ୪୫ ଦିନର ଆନ୍ଦୋଳନ ପରେ ଏବେ ଜନତାଙ୍କ ହୁଙ୍କାର ସମାବେଶକୁ ନେଇ ଆରମ୍ଭ ହେଲା ପ୍ରସ୍ତୁତି। ଆସନ୍ତା ୧୨ ତାରିଖରେ ମହାସମାବେଶ ଲାଗି ଗନ୍ଧମାର୍ଦ୍ଦନ ସୁରକ୍ଷା ପରିଷଦ ପକ୍ଷରୁ ବଲାଙ୍ଗିର ସାମ୍ବାଦିକ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ବଲାଙ୍ଗିର ଖପ୍ରାଖୋଲ ତଥା ଜିଲ୍ଲାର ଅନ୍ୟ ସ୍ଥାନରେ ଆଦାନୀ କମ୍ପାନୀ ଜମି କିଣିବା ପ୍ରସଙ୍ଗକୁ ନେଇ ବିବାଦ ବଢ଼ିଛି। ଗୋଟିଏ ପଟେ ଖପରାଖୋଲ ତହସିଲରେ ଚାଲିଥିବା ଆନ୍ଦୋଳନ ୪୫ ଦିନରେ ପହଞ୍ଚିଛି। ଅନ୍ୟପକ୍ଷରେ ଆନ୍ଦୋଳନ ବିଷୟରେ ଆନ୍ଦୋଳନକାରୀଙ୍କ ସହ ଆଜି ପର୍ଯ୍ୟନ୍ତ ସରକାରୀ ଦଳର ପ୍ରତିନିଧି ଆଲୋଚନା କରିନଥିବା ବେଳେ ଗନ୍ଧମାର୍ଦ୍ଦନ ସ୍ଥାୟୀ ସୁରକ୍ଷା ବିଷୟରେ କୌଣସି ପ୍ରତିକ୍ରିୟା ରଖି ନାହାନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବ ସହ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ସୁରକ୍ଷା ପରିଷଦ ଚେତାବନୀ ଦେଇଛି। ସାମ୍ବାଦିକ ସମ୍ମିଳନୀରେ ଆଇନଜୀବୀ ପ୍ରଶାନ୍ତ କୁମାର ମାଝୀ ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ କରିବାକୁ ଦାବି କରିଛନ୍ତି। ସେହିପରି ସ୍ଥାନୀୟ ବିଧାୟକ ଓ ସାଂସଦମାନେ ଏହି ପ୍ରସଙ୍ଗକୁ ଠିକ୍ ଭାବେ ଉପସ୍ଥାପନ କରୁନଥିବା ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି। ଏପରି ସ୍ଥଳେ ଆସନ୍ତା ୧୨ ତାରିଖରେ ମହା ସମାବେଶ କରିବାକୁ ପରିଷଦ ନିଷ୍ପତ୍ତି ନେଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଖପ୍ରାଖୋଲ ଠାରେ ସମାବେଶ ଅନୁଷ୍ଠିତ ହେବ ଓ ଏଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ସାମାଜିକ କର୍ମୀ, ପ୍ରକୃତିପ୍ରେମି ଓ ସ୍ଥାନୀୟ ଲୋକେ ଉପସ୍ଥିତ ରହିବେ ବୋଲି ସୂଚନା ଦିଆଯାଇଛି। ଆନ୍ଦୋଳନକୁ ନିର୍ଣ୍ଣାୟକ ମୋଡ଼ ଦେବାକୁ ନିଷ୍ପତ୍ତି ନିଆଯାଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ସୁରକ୍ଷା ପରିଷଦ ଉପଦେଷ୍ଟା ସୁଶିଲ କୁମାର ନାୟକ, ରାଜ କୁମାର ସେଠ୍, ନିଳମାଧବ ପାଣିଗ୍ରାହୀ, ଅଭିଳାଷ ଭୋଇ, ରଙ୍ଗରାଜ୍ ସିଂଦେଓ, ଶରତ ଚନ୍ଦ୍ର ହୋତା, ରବିଚନ୍ଦ୍ର ମିଶ୍ର, ଡିଙ୍ଗର କୁମ୍ଭାର, ପ୍ରମୁଖ ଉପସ୍ଥିତ ଥିଲେ।




**୧୨ରେ ଖପ୍ରାଖୋଲରେ ମହାସମାବେଶ**

# ଉପଖଣ୍ଡସ୍ତରୀୟ ଲୋକ ଉତ୍ସବ ପାଇଁ ପ୍ରସ୍ତୁତି



**ବଲାଙ୍ଗିର, ୮।୧ (ସମିସ):** ଉପଖଣ୍ଡସ୍ତରୀୟ ବଲାଙ୍ଗିର ଲୋକ ଉତ୍ସବ ୨୦୨୫ର ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତି କ୍ରମେ ଆସନ୍ତା ୧୪ ତାରିଖ ଦିନ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ବଲାଙ୍ଗିରରେ ଉପଖଣ୍ଡ ସ୍ତରୀୟ ବଲାଙ୍ଗିର ଲୋକଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର କରାଗଲା।୧୧ସୁଦ୍ଧା ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ବ୍ଲକ ସ୍ତରୀୟ ଉତ୍ସବ ସମାପନ କରି ଯୋଗ୍ୟ ପ୍ରତିଯୋଗୀଙ୍କ ତାଲିକା ଉପଖଣ୍ଡକୁ ପ୍ରଦାନ କରିବେ। ବୈଠକରେ ଲୋକ ବାଦ୍ୟ, ଲୋକଗୀତ, ଲୋକ ନୃତ୍ୟ ଓ ଲୋକ ନାଟକ ପ୍ରତିଯୋଗିତା ପାଇଁ ବିଚାରକ ମଣ୍ଡଳି ସ୍ଥିରିକୃତ ହେଲା। ନିର୍ଦ୍ଧାରିତ କରାଗଲା ଯେ ଚଳିତ ବର୍ଷ ମଧ୍ୟ ବିଗତ ଉତ୍ସବ ଭଳି ଦୁଇ ଜଣ ସୁନାମଧନ୍ୟ କଳାକାରଙ୍କୁ ଉପଖଣ୍ଡ ସ୍ତରୀୟ କଳାକାର ସମ୍ମାନ ଦିଆଯିବ। ଉପଖଣ୍ଡ ସ୍ତରୀୟ ଲୋକ ଉତ୍ସବର ସୁପରିଚାଳନା ଲାଗି ରିସେପ୍‌ସନ କମିଟି, ଷ୍ଟେଜ କମିଟି, ଫୁଡ କମିଟି ଓ ମିସ୍‌ସିଲାନିୟସ କମିଟି ଗଠନ କରାଗଲା। ଉପଖଣ୍ଡ ସ୍ତରୀୟ ଲୋକ ଉତ୍ସବର ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରୀୟ ଲୋକ ଉତ୍ସବରେ ପ୍ରଦର୍ଶନ ପାଇଁ ପ୍ରେରଣ କରାଯିବ। ବୈଠକରେ ଡ. ଘାସିରାମ ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ବାସୁଦେବ ମେହେର, ବାସୁଦେବ ବେହେରା, ବାସୁଦେବ ନାଗ, ମୁରଲିଧାରି ପତି, ଗୌ÷ର କିଶୋର ମହାପାତ୍ର, ମଧୁସୁଦନ ନାୟକ, ପ୍ରଶାନ୍ତ ମହାକୁର, ବ୍ରହ୍ମାନନ୍ଦ ବନଛୋର, ସତ୍ୟବାଦି ନାଏକ, ଭକ୍ତ ନାଏକ, ସୁଶାନ୍ତ ଚୋପଦାର, ନବୀନ କୁଅଁର, ବୀଥିକା ଚାଟାର୍ଜୀ, ଜୟକୃଷ୍ଣ ମିଶ୍ର, କପିଳେଶ୍ୱର ଖମାରି ଏବଂ ବିଭୁ କଲ୍ୟାଣ ଗଡ଼ତ୍ୟାଙ୍କ ସମେତ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ବୈଠକରେ ଯୋଗ ଦେଇଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଓ ଚାରା ବଣ୍ଟନ

**ବଲାଙ୍ଗିର, ୮।୧(ସମିସ):** ରକ୍ତର ବିକଳ୍ପ ପନ୍ଥା ନଥାଏ। ରକ୍ତର ଅଭାବ ସମୟରେ ମନୁଷ୍ୟ ହିଁ ମନୁଷ୍ୟକୁ ରକ୍ତଦାନ କରି ଜୀବନ ବଞ୍ଚାଇଥାଏ। ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜର ସକ୍ରିୟ ସଦସ୍ୟ ତରଣୀ ପାତ୍ର ରକ୍ତଦାନ ପାଇଁ ଇଚ୍ଛା ପ୍ରକାଶ କରିଥିଲେ।ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କ ସହଯୋଗ କ୍ରମେ କୁଟାସିଂହା ଗ୍ରାମରୁ ଆସି ବଲାଙ୍ଗିର ରକ୍ତ ଭଣ୍ଡାରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।ପରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ତାଙ୍କୁ ଚାରା ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ବୃକ୍ଷକୁ ମା' ଭଳି ସମସ୍ତ ଯତ୍ନ ନେବେ ବୋଲି ଶ୍ରୀ ପାତ୍ର ଯୁବ ସଂଗଠନକୁ ପରାମର୍ଶ ଦେଇଥିଲେ। ରକ୍ତଦାନ ସମୟରେ ରାଜ୍ୟ ସରକାର ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ଅସୀମ କୁମାର ଭୋଇ, ଗଜାନନ ସାହୁ, ବ୍ଲଡ ବ୍ୟାଙ୍କ ଷ୍ଟାଫ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଜ୍ୟୋର୍ତିମୟୀ ନାୟକ ଓ ନିରୁପମା ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

**ଜୁନିୟର ଇନ୍‌ଟ୍ରା କ୍ଲବ୍ କ୍ରିକେଟ**

# କେୱାଇଏସ୍‌ସି କଣ୍ଟାବାଞ୍ଜି ଚାମ୍ପିଅନ

**ବଲାଙ୍ଗିର, ୮।୧(ସମିସ):** ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଇନଟ୍ରା କ୍ଲବ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ କେୱାଇଏସସି କଣ୍ଟାବାଞ୍ଜି ଓ ନବକିଶୋର ବଲାଙ୍ଗିର ମଧ୍ୟରେ ହୋଇଥିଲା। ନବକିଶୋର ଦଳ ଟସ ଜିଣି ପ୍ରଥମେ ବ୍ୟାଟି କରି ୯୫ ରନ ସଂଗ୍ରହ କରି ସମସ୍ତ ଉ୍‌ୱିକେଟ ହରାଇଥିଲା। ନବ କିଶୋର ଦଳ ତରଫରୁ ନିତିନ ଚିର୍ଗୁନ ସର୍ବାଧିôକ ୩୪ ରନ ଏବଂ ସମର୍ପିତ ପଟେଲ ୧୫ ରନ ସଂଗ୍ରହ କରିଥିଲେ। କଣ୍ଟାବାଞ୍ଜି ଦଳ ତରଫରୁ ସଫଳ ବୋଲର ଭାବରେ ନିହାର ରଞ୍ଜନ ୩ଗୋଟି, ପ୍ରିୟାଂଶୁ ଚୌଧୁରି ଓ ଦିବ୍ୟମ ଛପାଡିଆ ୨ଗୋଟି ଲେଖାଏଁ ୱିକେଟ ନେଇଥିଲେ। ୯୬ ରନର ବିଜୟ ଲକ୍ଷ୍ୟକୁ ନେଇ କେୱାଇଏସସି କଣ୍ଟାବାଞ୍ଜି ଦଳ ୬ ୱିକେଟ ହରାଇ ଆବଶ୍ୟକୀୟ ୯୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ନବ କିଶୋର ଦଳ ତରଫରୁ ସଫଳ ବୋଲର ଭାବରେ ସିଦ୍ଧେଶ୍ୱର ବାଗ ସର୍ବାଧିକ ୪ଗୋଟି ୱିକେଟ ନେଇଥିଲେ। ମ୍ୟାଚ୍‌କୁ ପୃଥ୍ୱୀରାଜ ମିଶ୍ର ଓ ରାଜେନ୍ଦ୍ର ସେଠ ପରିଚାଳନା କରିଥିବା ବେଳେ ସ୍ୱାଗତ ଶୁଭଙ୍କର ଓ ଜଗପତି ନାଏକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନି ମ୍ୟାଚ୍ ଅବସରରେ କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ସହସମ୍ପାଦକ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ହେମନ୍ତ ବେହେରା, କ୍ରିକେଟ ସମ୍ପାଦକ ଓମ ପ୍ରକାଶ ଚାନ୍ଦ, ବରିଷ୍ଠ ସଭ୍ୟ ପ୍ରଭାତ ମିଶ୍ର, ଫଟବଲ ସମ୍ପାଦକ ଶରତ ନନ୍ଦ, ବରିଷ୍ଠ ସଦସ୍ୟ ବିଜୟ ବଂଶଲ, କୈଳାସ କର୍ତ୍ତି ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ଫାଇନାଲ ମ୍ୟାଚ୍‌ରେ ଦିବ୍ୟମ ଛପାଡିଆଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଟ୍ରଫି ପ୍ରଦାନ କରାଯାଇଥିଲା।

# ଦ ବିଗେଷ୍ଟ ମେକ୍‌ଅପ୍ କାର୍ନିଭାଲ କାର୍ଯ୍ୟକ୍ରମ



**ବଲାଙ୍ଗିର, ୮।୧(ସମିସ):** ବଲାଙ୍ଗିର ସହର ରୁଗୁଡିପଡ଼ା ସ୍ଥିତ ହୋଟେଲ ପାର୍କଲାଣ୍ଡ ଠାରେ ଦ ବିଗେଷ୍ଟ ମେକଅପ କାର୍ନିଭାଲ ୨୦୨୫ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଇବିସି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅର୍ନ୍ତଜାତୀୟ ଖ୍ୟାତି ସମ୍ପନ୍ନ ମେକଅପ ଆର୍ଟିଷ୍ଟ ୟେଶା ସିଂ ଯୋଗଦେଇ କାର୍ଯ୍ୟକ୍ରମକୁ ଶଷ୍ଠଭାରମ୍ଭ କରିଥିଲେ। ବଲାଙ୍ଗିର ଜିଲ୍ଲା ତଥା ସମଗ୍ର ପଶ୍ଚିମାଞ୍ଚଳର ମେକଅପ ଆର୍ଟିଷ୍ଟମାନେ ତାଙ୍କର ପ୍ରତିଯୋଗୀଙ୍କୁ ସଜାଇ ରାମ୍ପ ୱାକ ସୋ' ପାଇଁ ଆଣିଥିଲେ। ମୁଖ୍ୟଅତିଥିଙ୍କ କାର୍ଯ୍ୟକ୍ରମ ଉଦ୍‌ଘାଟନ ପରେ ରାମ୍ପ ୱାକ ସୋ' କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରତିଯୋଗୀ ଅତି ସୁନ୍ଦର ଭାବରେ ତାଙ୍କର କଳା ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ସମୟରେ ଯୁବପିଢୀଙ୍କ ପାଇଁ ଫେସନ ଡିଜାଇନ ରୋଜଗାରର ମାଧ୍ୟମ ସାଜିଛି। ବିଶେଷ କରି ମହିଳାମାନେ ମେକଅପ ଆର୍ଟିଷ୍ଟ ଭାବରେ କାମ କରି ସ୍ୱାବଲମ୍ବୀ ହୋଇପାରୁଛନ୍ତି। ତେଣୁକରି ଏଭଳି କାର୍ଯ୍ୟକ୍ରମ ବଲାଙ୍ଗିର ସହରରେ ଆୟୋଜିତ ହେବା ମେକଅପ ଆର୍ଟ କ୍ଷେତ୍ରରେ ଭବିଷ୍ୟତ ଗଠନ କରିବାକୁ ଚାହୁଁଥିବା ଯୁବପିଢୀଙ୍କ ପାଇଁ ସୁଯୋଗ ବୋଲି ମତପ୍ରକାଶ ପାଇଥିଲା।

**ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ**

# ପାରମ୍ପରିକ ନାଚଗୀତରେ ଦୁଲୁକିଲା ମଞ୍ଚ

**ଖପ୍ରାଖୋଲ, ୮ ।୧(ସମିସ)** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମ୍‌ରେ ବ୍ଲକସ୍ତରୀୟ ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମଶାଲ ଶୋଭାଯାତ୍ରା ଗ୍ରାମ୍ୟ ଇଷ୍ଟ ଦେବୀ ମା'ଡୁମେରତଳେନଙ୍କ ମନ୍ଦିରରୁ ଲୋକ ମହୋତ୍ସବ ମଞ୍ଚକୁ କଳାକାରଙ୍କ ଗହଣରେ ଅଣାଯାଇଥିଲା। ବିଡିଓ ବିବେକାନନ୍ଦ ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଲୋକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ସମ୍ମାନିତ ଅତିଥି ରୂପେ ବ୍ଲକ ଆଧକ୍ଷା ନିରୁପମା ପଟେଲ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଉପମୁଖ୍ୟ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଉପାଧକ୍ଷ ସୁଖିରାମ ଷାଣ୍ଡ, ସରପଞ୍ଚ ସଂଘ ସଭାପତି ସୁଶିଲ କୁମାର ଗୁରୁ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅତିଥିମାନେ ଅଞ୍ଚଳର ଲୋକ ସଂସ୍କୃତ, ଲୋକବାଦ୍ୟ, ଲୋକ୍ ଗୀତ, ଲୋକ ନୃତ୍ୟର କଳାକାରଙ୍କ ଲୁକ୍କାୟିତ ପ୍ରତିଭାର ଚିହ୍ନଟ ଓ ସୁରକ୍ଷା ଉପରେ ଆଲୋକ ପାତ କରିଥିଲେ।ଏହି ଅବସରରେ କଳାକାରମାନଙ୍କ ଦ୍ୱାରା କରମା ନୃତ୍ୟ, ସମ୍ବଲପୁରୀ ଲୋକ ନୃତ୍ୟ, ପାଲା, ସଙ୍କୀର୍ତ୍ତନ, ସମ୍ପ୍ରଦା, ଖଞ୍ଜଣି, ଘୁଡୁକା, ପଞ୍ଚବାଦ୍ୟ, ଦଣ୍ଡ ନୃତ୍ୟ, ରାମଲୀଳା, ବାହା ଘର ଗୀତ, ଘୋଡ଼ା ନାଚ ଆଦି ବିଭିନ୍ନ ନାଚ, ଗୀତ, ବାଦ୍ୟ ପରିବେଷିତ ହୋଇଥିଲା। ସମୁଦାୟ ୧୨୫ଟି ପାରମ୍ପାରିକ ଲୋକ ନୃତ୍ୟ ଓ ଲୋକ ଗୀତରେ ପଞ୍ଜୀକୃତ ହୋଇଥିଲା। ଲୋକୋଉତ୍ସବ ପାରମ୍ପରିକ ଲୋକ ନୃତ୍ୟ ଓ ଲୋକ ଗୀତରେ ମଞ୍ଚ ଦୁଲୁକିଥିଲା। ମଞ୍ଚକୁ ବିରେନ୍ଦ୍ର ପାଣ୍ଡେ ଓ କନିଷ୍କ ବିଭାର ପରିଚାଳନା କରିଥିବା ବେଳେ। ଏହି ଲୋକ ଉତ୍ସବରେ ଜିପିଡି ଓ ପରମେଶ୍ୱର ନାଏକ, ଏଏଇ କୁଳମଣି ଭୋଇ, ଡବ୍ଲୁଇଓ ପ୍ରତୀକ୍ଷା ସାହୁ, କନିଷ୍ଠଯନ୍ତ୍ରୀ ରାଜ କିଶୋର ନାଏକ, ସୂର୍ଯ୍ୟଭାନୁ ମେହେର, ଦୀପକ ବେହେରା, ମନୋଜ ସାହୁ ସମେତ ସମସ୍ତ ସରପଞ୍ଚ ସମିତି ସଭ୍ୟା ସଭ୍ୟ, ସରକାରୀ କର୍ମଚାରୀ, କଳାକାର, କଳାପ୍ରେମୀ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଅବସରରେ କୃତୀ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ କଳାକାର ଆଗାମୀ ଉପଖଣ୍ଡ ସ୍ତରୀୟ ଲୋକ ମହୋତ୍ସବ ଭାଗନେବେ ବୋଲି ଜଣାଯାଇଛି।





**କଣ୍ଟାବାଞ୍ଜି ଏମ୍‌ଏସିଏଚ୍ ଡାକ୍ତରଖାନାରେ ଅବ୍ୟବସ୍ଥା**

# ନର୍ସଙ୍କ ଭରସାରେ ଗର୍ଭବତୀ

କଣ୍ଟାବାଞ୍ଜି, ୮ ।୧(ସମିସ)

ବଲାଙ୍ଗିର ଜିଲ୍ଲା ଦାଦନପ୍ରବଣ ପଛୁଆ ଅଞ୍ଚଳ କଣ୍ଟାବାଞ୍ଜିରେ ଗର୍ଭବତୀ ମହିଳାଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁ ନ ଥିବାବେଳେ ଡାକ୍ତରଖାନାରେ ଡାକ୍ତରଙ୍କ ଦେଖା ନାହିଁ। ନର୍ସଙ୍କ ଭରସାରେ ଏଠାରେ ଗର୍ଭବତୀ ମହିଳା ବୋଲି ଅଭିଯୋଗ ହେଉଛି। ଏହି ଡାକ୍ତରଖାନାରେ ଅନେକ ସମୟରେ ମନମୁଖୀ କାର୍ଯ୍ୟକଳାପ ଚାଲେ ବୋଲି ଅଭିଯୋଗ ହୋଇଆସୁଛି। ଗତ ୧୪ ଦିନ ହେଲା କଣ୍ଟାବାଞ୍ଜି ଏମଏସିଏଚ୍ ଡାକ୍ତରଖାନାରେ ପ୍ରସୂତି ରୋଗ ବିଶେଷଜ୍ଞ ଜଣେ ଡାକ୍ତର ଛୁଟିରେ ରହିଛନ୍ତି। ସେହିପରି ଗତ ୪ ମାସ ହେବ ଆଉ ଜଣେ ପ୍ରସୂତି ବିଶେଷଜ୍ଞ ଡାକ୍ତର ଡାକ୍ତରଖାନାରେ ଯୋଗ ଦେଇଛନ୍ତି। ସେ ମଧ୍ୟ ପ୍ରତ୍ୟେକ ଦିନ ୧୦ ଟା ସମୟରେ ଡାକ୍ତରଖାନା ଆସି ୪ ସୁଦ୍ଧା ନୂଆପଡ଼ା ଜିଲ୍ଲା ସ୍ଥିତ ସିନାପାଲି ଘରକୁ ଯାତାୟାତ କରୁଛନ୍ତି। ରାତି ହେଲେ ଏହି ଡାକ୍ତରଖାନାରେ ନର୍ସ ହିଁ ଭରସା। ସେପଟେ କିଛିଲୋକ ପ୍ରସୂତି ବିଶେଷଜ୍ଞ ଜଣେ ଡାକ୍ତରଙ୍କୁ ଘରୋଇ କ୍ଲିନିକରେ ବସିବାକୁ ଚାପ ପ୍ରୟୋଗ କରୁଥିବା ଯୋଗୁଁ ସେ କଣ୍ଟାବାଞ୍ଜିରେ ନ ରହି ସିନାପାଲି ସ୍ଥିତ ତାଙ୍କ ବାସଭବନରୁ ପ୍ରତ୍ୟେକ ଦିନ ଯାତାୟାତ କରୁଥିବା ଜଣାପଡ଼ିଛି। ବିଶେଷଜ୍ଞ ଡାକ୍ତର ନ ଥିବା ଯୋଗୁଁ ପ୍ରତ୍ୟେକ ଦିନ ଗର୍ଭବତୀ ମହିଳାଙ୍କୁ ବେଲପଡ଼ା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି। ସେପଟେ ଯେଉଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଠିକ ଭାବେ ଚିକିତ୍ସା ମିଳୁଥିବା ଯୋଗୁଁ ଲୋକମାନଙ୍କ ସମାଗମ ରହୁଥିଲା, ଗର୍ଭବତୀ ମହିଳା ଉତ୍ତମ ଚିକିତ୍ସା ସେବା ପାଉଥିଲେ। ଏବେ ଗର୍ଭବତୀଙ୍କୁ ଠିକ୍ ଭାବେ ଚିକିତ୍ସା କରାଯାଉ ନ ଥିବା ଅଭିଯୋଗ ହେଉଛି। ଏହା ଉପରେ ଯଥାଶୀଘ୍ର ପଦକ୍ଷେପ ନେବା ଆବଶ୍ୟକ ଅଟେ। କଣ୍ଟାବାଞ୍ଜି ଡାକ୍ତରଖାନା ରେଷ୍ଟଇନ୍‌ପିସ୍ ବୋଲି ଜଣେ ଯୁବ ଆଇନଜୀବୀ କହି ଏକ ଭିଡିଓ ଭାଇରାଲ କରିଛନ୍ତି। ଏନେଇ ସ୍ୱାସ୍ଥ୍ୟ ବିଭାଗ କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



# ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ବଲାଙ୍ଗିରର ସଫଳତା

**ବଲାଙ୍ଗିର, ୮।୧(ସମିସ):** ଗତ ଜାନୁୟାରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ ରାଜ୍ୟର ରାଜଧାନୀ ରାୟପୁରରେ ଅନୁଷ୍ଠିତ ହୋଇଥିବା ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ଦଳ ଚାମ୍ପିଅନ ଦଳ ଭାବରେ ପୁରସ୍କୃତ ହୋଇଯାଇଛି। ଚାମ୍ପିଅନ ଦଳରେ ବଲାଙ୍ଗିର ଜିଲ୍ଲାର ପ୍ରତିଯୋଗିମାନେ ଜୁନିୟର, ସିନିୟର ବିଭାଗର ସମସ୍ତ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଲାଭ କରି ବଲାଙ୍ଗିରର ନାମକୁ ଗର୍ବିତ କରିଛନ୍ତି। ବଲାଙ୍ଗିରର ପ୍ରଶାନ୍ତ ଦାଶ ବେଞ୍ଚପ୍ରେସରେ ଓ ଆଲୋକ ସାଗର ଡେଡ୍‌ଲିଫ୍ଟ ରେ ଷ୍ଟ୍ରଙ୍ଗମ୍ୟାନ ଭାବରେ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାରେ ଜିଲ୍ଲାରୁ ୧୪ ଜଣ ଭାଗ ନେଇ ସମସ୍ତେ ସ୍ୱର୍ଣ୍ଣପଦକ ସହ ଦୁଇ ଜଣ ଷ୍ଟ୍ରଙ୍ଗମ୍ୟାନର ଆଖ୍ୟା ମଧ୍ୟ ପାଇଛନ୍ତି। ଭାଗ ନେଇଥିବା ପ୍ରତିଯୋଗିମାନେ ହେଲେ ସାଗରିକା ପାଢ଼ୀ ୫୩ କେଜି (ଜୁନିୟର) ରେ ସ୍ୱର୍ଣ୍ଣ, କୁଦରତ ନାଗ ୬୨କେଜି(ଜୁନିୟର) ସ୍ୱର୍ଣ୍ଣ, ଉପେନ୍ଦ୍ର ମେହେର ୬୨ କେଜି (ସିନିୟର) ସ୍ୱର୍ଣ୍ଣ, ବିକାଶ ପଟେଲ ୬୯ କେଜି (ସବ୍ ଜୁନିୟର) ସ୍ୱର୍ଣ୍ଣ, ଘନଶ୍ୟାମ ଦେହେରୀ ୬୯ କେଜି (ସିନିୟର) ସ୍ୱର୍ଣ୍ଣ, ଟଙ୍କଧର ଦେହେରୀ ୬୯ କେଜି (ସିନିୟର) ରୌ÷ପ୍ୟ, ବେଞ୍ଚ ପ୍ରେସ ରେ ରୌ÷ପ୍ୟ, ଥଳମଣି ଦେହେରୀ ୬୯ କେଜି (ସବ୍ ଜୁନିୟର) ସ୍ୱର୍ଣ୍ଣ, ଏମ୍‌ଡି ଅଲି ରାଜା ୮୪ କେଜି (ସିନିୟର)ବେଞ୍ଚ ପ୍ରେସରେ ରୌ÷ପ୍ୟ, ସମ୍ବିତ୍ ବଗର୍ତ୍ତି ୮୪ କେଜି (ଜୁନିୟର) ଡେଡଲିଫ୍ଟ ରେ ସ୍ୱର୍ଣ୍ଣ, ପ୍ରଶାନ୍ତ ଦାଶ ୮୪ କେଜି (ସିନୟର) ବେଞ୍ଚ ପ୍ରେସରେ ସ୍ୱର୍ଣ୍ଣ, ଆଲୋକ ସାଗର ୭୭ କେଜି (ସିନିୟର) ଡେଡଲିଫ୍ଟରେ ସ୍ୱର୍ଣ୍ଣ, ଦିବ୍ୟ ବଗର୍ତ୍ତି ୭୭ କେଜି (ଜୁନିୟର) ଡେଡଲିଫ୍ଟ ରେ କାଂସ୍ୟ, ତାଳଧ୍ୱଜ ସାହୁ ୯୪ କେଜି (ସିନିୟର) ବେଞ୍ଚପ୍ରେସରେ ସ୍ୱର୍ଣ୍ଣ ଓ ଡେଡଲିଫ୍ଟ ରେ ରୌ÷ପ୍ୟ, ସ୍ୱୟମ ସ୍ୱାଗତ ସେଠ ୧୦୫ କେଜି (ଜୁନିୟର), ବେଞ୍ଚପ୍ରେସରେ ରୌ÷ପ୍ୟ ଓ ଡେଡ ଲିଫ୍ଟ ରେ ସ୍ୱର୍ଣ୍ଣ, ସଞ୍ଜିବ ରଥ ୧୦୫ କେଜି (ଜୁନିୟର) ବେଞ୍ଚପ୍ରେସରେ ସ୍ୱର୍ଣ୍ଣ, ଆଭାସ ଗୁପ୍ତା ୯୫ କେଜି ବେଞ୍ଚପ୍ରେସରେ ରୌ÷ପ୍ୟ ଓ ଡେଡଲିଫ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଓଡ଼ିଶା ଟିମ୍‌କୁ ବଲାଙ୍ଗିରର ପ୍ରଶାନ୍ତ ଦାଶଙ୍କ ତତ୍ୱାବଧାନରେ ସଫଳତା ହାସଲ ହୋଇଥିଲା। ବଲାଙ୍ଗିର ର ପ୍ରତିଯୋଗୀଙ୍କ ଜାତୀୟସ୍ତରୀୟ ସଫଳତାରେ ବଲାଙ୍ଗିର ଶକ୍ତି ଉତ୍ତୋଳନ ସଂଘ ତରଫରୁ ଉପଦେଷ୍ଟା ରୂପକ ବରାଳ, ସଭାପତି ପ୍ରଶାନ୍ତ ମଟାରୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ଗଞ୍ଜେଇ ଚାଷର ଏନ୍ତୁଲିଶାଳ ବୌଦ୍ଧ ଜିଲ୍ଲା

# ଯେତେ କାଟିଲେ ସରୁନି

**ହରଭଙ୍ଗା, ୮ ।୧(ସମିସ):**

**● ଗତବର୍ଷ ୬୯୧୦ ଏକରରୁ ୭୪ ଲକ୍ଷରୁ ଅଧିକ ଗଛ ନଷ୍ଟ ହୋଇଛି**

ବୌଦ୍ଧ ଭଳି ଶାନ୍ତ ଜିଲ୍ଲାରେ ଅଶାନ୍ତି ସୃଷ୍ଟି କରୁଛି କରୁଛି ଗଞ୍ଜେଇ ଚାଷ। ଏହାଦ୍ୱାରା ଜଙ୍ଗଲ ମଧ୍ୟ ନଷ୍ଟ ହେଉଛି। ଉପାନ୍ତ ଅଞ୍ଚଳ ବୌଦ୍ଧ ବ୍ଲକ ଓ କଣ୍ଟାମାଳ ବ୍ଲକର ପାହାଡିଆ, ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳ ଗ୍ରାମ ଗୁଡିକରେ ଦିନକୁ ଦିନ ଗଞ୍ଜେଇ ଚାଷ ବୃଦ୍ଧି ପାଉଛି। ପୁଲିସ, ବନ ବିଭାଗ ଓ ଅବକାରୀ ଗଞ୍ଜେଇ ଚାଷ ରୋକ ଲଗାଇ ପାରୁ ନାହିଁ। ଯେତେ କାଟିଲେ ବି ଗଞ୍ଜେଇ ଚାଷ ମୂଳପୋଛ ହୋଇପାରୁନି। ଦୈନିକ ଗଞ୍ଜେଇ ମାମଲା ସାମ୍ନାକୁ ଆସୁଛି। ରାଜ୍ୟ ରାଜ୍ୟ ବାହାରକୁ ଚାଲାଣ ହେଉଛି। ପୁଲିସ କିପରି ଏହାର ମୂଳ ଚେର କାଟି ପାରୁନାହିଁ ତାକୁ ନେଇ ପ୍ରଶ୍ନ। ଏଣୁ ଏହି ୩ ବିଭାଗର ସ୍ୱଚ୍ଛତାକୁ ନେଇ ବୁଦ୍ଧିଜୀବୀଙ୍କ ଭିତରେ ପ୍ରଶ୍ନ ଉଠୁଛି। ଜିଲ୍ଲାକୁ ଗଞ୍ଜେଇମୁକ୍ତ କରିବା ପାଇଁ ୩ ବିଭାଗର ସମନ୍ୱୟରେ ଗଞ୍ଜେଇ କଟା ଅଭିଯାନ ଚାଲିଛି। ସବୁଠାରୁ ବଡ଼ ପ୍ରଶ୍ନ ଯେ ଏକର ଏକର ଗଞ୍ଜେଇ ଚାଷ ପାଇଁ ସୁରକ୍ଷା ଦେଉଛି କିଏ? ଜଙ୍ଗଲ ଭିତରେ କିପରି ଗଞ୍ଜେଇ ଚାଷ ହେଉଛି? ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗ ଦାୟିତ୍ୱରେ ଅଛି। ନିଜେ ରକ୍ଷକ ହୋଇ ବନ ବିଭାଗ ଭକ୍ଷକ ସାଜିଛି ନା ଏଭଳି ଚାଷ ପାଇଁ କାହାର ହାତ ରହିଛି ତାକୁ ନେଇ ସନ୍ଦେହ ଉପୁଜୁଛି। ତେବେ ଗଞ୍ଜେଇ ଚାଷ ପାଇଁ ବୌଦ୍ଧ ଜିଲ୍ଲା ରାଜ୍ୟର ହଟସ୍ପଟ ଭାବେ ପରିଚିତ।୨୦୨୪ ବର୍ଷରେ ବୌଦ୍ଧ ଜିଲ୍ଲା ପୁଲିସ ୬୯୧୦ ଏକର ଜମିରୁ ୭୪ଲକ୍ଷ ୬୭ ହଜାର ଗଛ ନଷ୍ଟ କରିଛି। ସେହିଭଳି ଚୋରା ଚାଲାଣ ବେଳେ ୧୭୪ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ୬୮ଟି ଗାଡି ଜବତ କରି ୧୮୦ଟି ମାମଲା ରୁଜୁ କରିଛି। ଜିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାରର ୧୭୪ଜଣ ଅଭିଯୁକ୍ତଙ୍କୁ ଲିସ ଗିରଫ କରିଛି। ସେହିଭଳି ୨୦୨୫ ବର୍ଷ ଆରମ୍ଭରୁ ଜାନୁୟାରୀ ୭ ତାରିଖ ଭିତରେ ୧୩୭ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି।

## ବ୍ୟାପକ ଗଞ୍ଜେଇ ଗଛ ନଷ୍ଟକଲା ପୁଲିସ

**ଶଗଡ଼ା, ୮ ।୧(ସମିସ):** ମନମୁଣ୍ଡା ପୁଲିସ ବାହାବଳ ଖୋଲ ଜଙ୍ଗଲରେ ଚଡଉ କରି ଗଞ୍ଜେଇ ଗଛ ନଷ୍ଟ କରିଛି। ୫୬.୨୫ ଏକର ଜମିରେ ବେଆଇନ ଭାବରେ ଚାଷ ହୋଇଥିବା ୬୭ହଜାର ୨୭୦ ହଜାର ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରାଯାଇଛି। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ୧୨/୨୫ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ମନମୁଣ୍ଡା ପୁଲିସ ଓ ଅବକାରୀ ବିଭାଗର ଏକ ଟିମ୍ ମନମୁଣ୍ଡା ଥାନା ଅଧୀନ ଗୋପୀଗାଁ ନିକଟ ଜଙ୍ଗଲରେ ଚଢ଼ଉ କରିଥିଲା। ସେଠାରେ ୩୬ ଏକର ପରିମିତ ଜାଗାରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କାଟି ପୋଡି ନଷ୍ଟ କରାଯାଇଛି।

## ପ୍ରବାସୀ ଭାରତୀୟ ଦିବସ ପାଳନ




**ହରଭଙ୍ଗା/ଚାରିଛକ, ୮।୧ (ସମିସ):** ପୁରୁଣାକଟକସ୍ଥିତ ଭୈରବୀ ସ୍ନାତକ ମହାବିଦ୍ୟାଳୟରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ତାରେଣିଆଙ୍କ ସଭାପତିତ୍ୱରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ୍, ପୋଷ୍ଟର ପେଣ୍ଟିଂ ପ୍ରତିଯୋଗିତା କରାଯାଇଥିଲା। ବିକଶିତ ଭାରତ ପାଇଁ ପ୍ରବାସୀ ଭାରତୀୟଙ୍କ ଭୂମିକା ଉପରେ ଆଲୋଚନା ହୋଇଥିଲା। ଅଧ୍ୟାପକ ଲଳିତ ମେହେର, ରଞ୍ଜିତ ସାମଲ, ସୁରେଶ୍ୱର ଯୋଶୀ, ସୁଭ୍ରା ମଲିକା ପ୍ରଧାନ, ପୂଜାରାଣୀ ଦେଓ, ଦମୟନ୍ତୀ ନାୟକ ପ୍ରମୁଖ ଯୋଗ ଦେଇ ଥିବାବେଳେ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଡ. ପ୍ରମୋଦ ମହାପାତ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବୀରମହାରାଜପୁର, ୮।୧(ସମିସ):** ବୀରମହାରାଜପୁର ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଅନୀତାରାଣୀ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ମୁଖ୍ୟଅତିଥି ଭାବରେ ଉପଜିଲ୍ଲାପାଳ ଲଲାଟେନ୍ଦୁ ସିଂ ଓ ମୁଖ୍ୟବକ୍ତା ଭାବେ ବୀରାମହାରାଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ରଥପୁର ଓଏଭିର ଶିକ୍ଷକ ନରେନ୍ଦ୍ର ବାରିକ, ବିଧାୟକ ପ୍ରତିନିଧି ବେଣୁଧର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶୁଭସ୍ମିତୀ ସ୍ୱସ୍ତିପ୍ରଜ୍ଞା ପ୍ରିୟଦର୍ଶିନୀ ସଭା ସଂଯୋଜନା କରିଥିବାବେଳେ ନମିତା ଡାଙ୍ଗ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ନୀଳକଣ୍ଠ ମାଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଅରୁନ୍ଧତୀ ମଲ୍ଲିକ, ତେଜସ୍ୱିନୀ ନାଗ ଓ ଶିକ୍ଷକ ଆକାଶ ବେହେରା ଓ ରାଜା ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ପାପକ୍ଷୟ ଲୋକ ମହୋତ୍ସବ ଆୟୋଜନ ଲାଗି ପ୍ରସ୍ତୁତି

**ବିନିକା, ୮।୧(ସମିସ):** ବିନିକାର ମୁକ୍ତିତୀର୍ଥ ନାମରେ ପରିଚିତ ପୁଣ୍ୟପୀଠ ପାପକ୍ଷୟର ଐତିହାସିକ କିମ୍ବଦନ୍ତୀକୁ ମନେ ପକେଇବା ପାଇଁ ପ୍ରତିବର୍ଷ ଅନୁଷ୍ଠିତ ହୋଇ ଆସୁଥିବା ପାପକ୍ଷୟ ଲୋକ ମହୋତ୍ସବ ଆୟୋଜନ ପାଇଁ ବୁଧବାର ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିନିକାସ୍ଥିତ ସ୍ପୋର୍ଟସ କ୍ଲବରେ କମିଟି ସଭାପତି ଯୁବ ଓକିଲ ସୁଧାଂଶୁ ଶେଖର ଦାଶଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବିଗତ ୨୦୨୩ରେ ଆୟୋଜିତ ମହୋତ୍ସବର ଆୟବ୍ୟୟ ଉପରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଯେପରି ମହୋତ୍ସବକୁ ଆଡ଼ମ୍ବରପୂର୍ଣ୍ଣ ଭାବରେ ଏବଂ ସମସ୍ତଙ୍କ ସହଯୋଗ କ୍ରମେ ପାଳନ ହେବ ସେ ଦିଗରେ ଉପସ୍ଥିତ କର୍ମକର୍ତ୍ତାମାନେ ନିଜର ମତ ରଖିଥିଲେ। ବୈଠକରେ ଭୀମସେନ ସାହୁ, ହିମାଂଶୁ ଭୁଷଣ ପଣ୍ଡା, ଶେଖର ଶର୍ମା, ରାଜେଶ ମେହେର, ସନ୍ତୋଷ ମହାକୁର, ଆନନ୍ଦ ହୋତା, ସମ୍ବିତ ନେପାକ, ହିମାଂଶୁ ଶେଖର ପୁଟେଲ, ଉମାକାନ୍ତ ଦୀପ, କିନୁ ପାଢ଼ୀ, ବନବିହାରି ମିଶ୍ର ଓ ଗୋବିନ୍ଦ ପ୍ରଧାନ ଉପସ୍ଥିତ ଥିଲେ। ଆସନ୍ତା ମକର ସଂକ୍ରାନ୍ତି ଦିନ ଦ୍ୱିତୀୟ ବୈଠକ ସ୍ପୋର୍ଟସ କ୍ଲବରେ କରାଯିବ। ଏଥିରେ ସମସ୍ତ ସଦସ୍ୟ, ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେବାକୁ କମିଟି ସଭାପତି ଶ୍ରୀ ଦାଶ ଅନୁରୋଧ କରିଛନ୍ତି।



## ବାଳିକା ଆତ୍ମସୁରକ୍ଷା ତାଲିମ ଉଦ୍‌ଘାଟିତ



**ବାଉଁଶୁଣି, ୮।୧(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣିସ୍ଥିତ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମ ସୁରକ୍ଷା ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ତର୍କଶାସ୍ତ୍ର ବିଭାଗର ଅଧ୍ୟାପକ ମକର ମହାରଣା ଓ ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗର ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାକୁଡ଼ ଯୋଗ ଦେଇଥିଲେ ବିଦ୍ୟାଳୟର ଖେଳ ଶିକ୍ଷକ ରମେଶ ଚନ୍ଦ୍ର ମେହେର ପରିଚାଳନା ଦାୟିତ୍ୱ ଦାୟିତ୍ୱ ତୁଲାଉ ଥିବା ବେଳେ ପ୍ରଶିକ୍ଷିକା ମଧୁସ୍ମିତା ଜଗଦଳା ଓ ସୋନାଲି ମହାକୁଳ ୮ଦିନ ଧରି ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ୍ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ବୌଦ୍ଧ, ୮ ।୧(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଓ ଜିଲ୍ଲା ବାଲ୍ୟ ବିବାହ ନିରୋଧ ଟାସ୍କଫୋର୍ସର ତ୍ରୟମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୁବ୍ରତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଲୋଚନ ପୃଷ୍ଟି ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ବାଲ୍ୟ ବିବାହ ନିଷେଧ ଅଧିକାରୀ ପ୍ରବିଜ୍ଞା ଦାସ ଗତ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ବିଷୟରେ ଆଲୋକପାତ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ଅଧିକରୁ ଅଧିକ ପିତାମାତା ନ ଥିବା ଶିଶୁ ଓ ଏକକ ଅଭିଭାବକ ଥିବା ଶିଶୁଙ୍କୁ ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅକ୍ଟୋବର ୨ ତାରିଖରେ ହୋଇଥିବା ସ୍ୱତନ୍ତ୍ର ଶିଶୁ ଅଧିକାର ବୈଠକ ବିଷୟରେ ଆଲୋଚନା ହୋଇଥିଲା। ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାର କମାଇବା ପାଇଁ ଆଗୁଆ ପଦକ୍ଷେପ ସ୍ୱରୂପ କିଶୋରୀ ବାଳିକାମାନଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ମାମାନଙ୍କ ସମ୍ପୂର୍ଣ୍ଣ ପୋଷଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ୧୮ରୁ ଅଧିକ କିଶୋର କିଶୋରୀଙ୍କୁ କିଭଳି ଧନ୍ଦାମୂଳକ ଶିକ୍ଷା ଦିଆଯାଇପାରିବ ସେ ଉପରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ସଂଘମିତ୍ରା ପଣ୍ଡା, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦାମୋଦର ସାହୁଙ୍କ ସମେତ ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକର ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ବୌଦ୍ଧ ବ୍ଲକ ସିଡିପିଓ ୱାହିଦା ବେଗମ ଧନ୍ୟବାଦ ଅର୍ପଣ କରିଥିଲେ।



## କଣ୍ଟାମାଳ ଉଚ୍ଚ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ




**ଶଗଡ଼ା, ୮ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିଅର ରେଡ଼କ୍ରସ୍ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଜୁନିଅର ରେଡ଼କ୍ରସ୍, ଷ୍ଟୁଡେଣ୍ଟ୍ ପୁଲିସ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି କଣ୍ଟାମାଳ ଗ୍ରାମ ପରିକ୍ରମା କରିବା ସହ ଛାତ୍ରଛାତ୍ରୀ ବିଭିନ୍ନ ନାରା ଦେଇ ସହରବାସୀଙ୍କୁ ସଡକ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ଅନୁଯାୟୀ ଗାଡ଼ି ଚଳାଇଲେ ନିଜ ଜୀବନକୁ ସୁରକ୍ଷିତ ରଖିବା ସହ ଅନ୍ୟର ଜୀବନକୁ ମଧ୍ୟ ସୁରକ୍ଷିତ ରଖି ହେବ, ସୁସ୍ଥ ଜୀବନ ଦ୍ୱାରା କିପରି ଦେଶର ବିକାଶ ହୋଇପାରିବ ଛାତ୍ରଛାତ୍ରୀ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜୁନିଅର୍ ରେଡକ୍ରସ କାଉନସିଲର ବନମାଳୀ ମେହେର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସୁଜିତ ତରିଆ, ଆଲୋକ ପରଡ଼ିଆ, ସତ୍ୟଜିତ ପଣ୍ଡା, ଶିକ୍ଷୟିତ୍ରୀ ଏମ୍ ମାଧୁରୀ ଦୋରା, ସୁପ୍ରିୟା ପ୍ରିୟଦର୍ଶିନୀ, ଗୀତାଞ୍ଜଳୀ ସାହୁ, ଶିକ୍ଷକ ଦୁଷ୍ମନ୍ତ ବିଶ୍ୱାଳ, ବୀରଭଦ୍ର ମିଶ୍ର ସହଯୋଗ କରିଥିଲେ। ଶିକ୍ଷକ ସରୋଜ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସରିଲା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା



**ଶଗଡ଼ା, ୮ ।୧(ସମିସ):** ୨୦୨୫-୨୬ ବର୍ଷର ନାମଲେଖା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୬ଷ୍ଠ, ୭ମ, ୮ମ ଓ ନବମ ଶ୍ରେଣୀ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଅଇଁଲାଚୂଆଁସ୍ଥିତ ଆଦର୍ଶ ବିଦ୍ୟାଳୟ ପାଇଁ ଘଣ୍ଟାପଡ଼ା ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଓ ମନମୁଣ୍ଡା ହାଇସ୍କୁଲରେ ୩ଟି ପରୀକ୍ଷା କେନ୍ଦ୍ର ହୋଇଥିଲା। ଘଣ୍ଟାପଡ଼ା ହାଇସ୍କୁଲ କେନ୍ଦ୍ରରେ ସର୍ବାଧିକ ୨୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୯୫ ଜଣ ପରୀକ୍ଷାର୍ଥୀ ୬ଷ୍ଠ ଶ୍ରେଣୀର ପ୍ରବେଶିକା ପରୀକ୍ଷା ଦେଇଥିଲେ। ୫ଜଣ ଅନୁପସ୍ଥିତ ଥିଲେ। ସେହିପରି ଅଇଁଲାଚୂଆଁ ଆଦର୍ଶ ବିଦ୍ୟାଳୟରେ ୧୭୦ଜଣଙ୍କ ମଧ୍ୟରୁ ୧୫୪ ଜଣ ପରୀକ୍ଷା ଦେଇଥିବା ସ୍ଥଳେ କୌଣସି କାରଣରୁ ୧୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ।

## ତାଲିମ ନେଲେ ଆଶାକର୍ମୀ

**ବୌଦ୍ଧ, ୮ ।୧(ସମିସ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଆଶା ଦିଦିଙ୍କ ଦୁଇଦିନିଆ ରିଫ୍ରେସର ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି। ତାଲିମ ଦାତା ଭାବେ ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ରମାକାନ୍ତ ନନ୍ଦ, ସ୍ୱାସ୍ଥ୍ୟ କର୍ମୀ ପ୍ରଶାନ୍ତ ପାଣିଗ୍ରାହୀ, ସାରଦା ପୁଜାହାରୀ, ବ୍ୟଞ୍ଜନ ମେହେର ଯୋଗଦେଇ ମାତୃ ସ୍ୱାସ୍ଥ୍ୟ, ଶିଶୁ ସ୍ୱାସ୍ଥ୍ୟ ଓ ପୋଷଣ ଆଦି ବିଷୟରେ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ଶିବିରରେ ମୁଣ୍ଡାପଡ଼ା, ଜହ୍ନାପଙ୍କ, ମକୁନ୍ଦପୁର, ବ୍ରାହ୍ମଣୀପାଲି ସବ ସେଣ୍ଟରର ୬୦ ଜଣ ଆଶା ଦିଦି ଯୋଗଦାନ କରିଥିଲେ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ଶିବିର

**ବିନିକା, ୮।୧(ସମିସ):** ବିନିକାସ୍ଥିତ ଫୁଲମୁଠୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ଅଧ୍ୟକ୍ଷ ପଞ୍ଚାନନ ସାହୁ ଉଦ୍‌ଘାଟନ କରିଥିଲେ। ସାତଦିନ ବ୍ୟାପି ଅନୁଷ୍ଠିତ ଶିବିରରେ ଭାଗନେଇଥିବା ୧୨୬ଜଣ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ନମ୍ରତା କ୍ଷେତି ଓ ସାବିତ୍ରୀ ସାହୁ ପ୍ରଶିକ୍ଷଣ ଦେଉଛନ୍ତି। କାର୍ଯ୍ୟକ୍ରମର ପ୍ରୋଗ୍ରାମ ଅଫିସର ସବ୍ୟସାଚୀ ଦନ୍ତା ଓ ଖେଳ ଶିକ୍ଷୟିତ୍ରୀ ବିଦ୍ୟୁଲତା କର ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।




## କଳାପଥର କଲେଜର ପୂର୍ବତନ ସମ୍ପାଦକଙ୍କ ବିୟୋଗରେ ଶୋକସଭା



**ସୁବଳୟା/ବୀରମହାରାଜପୁର, ୮।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ କଳାପଥରସ୍ଥିତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠାନର ପୂର୍ବତନ ସମ୍ପାଦକ ଗିରିଧାରୀ ମହାକୁରଙ୍କ ଆକସ୍ମିକ ବିୟୋଗରେ ଶୋକସଭା ଅନୁଷ୍ଠିତ ହେଇଯାଇଛି। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ ଦିବଂଗତଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରି ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସ୍ୱର୍ଗତ ମହାକୁରଙ୍କ ସ୍ମୃତିଚାରଣ କରି ତାଙ୍କ ନିଃସ୍ୱାର୍ଥପର ସମାଜସେବା, କର୍ମତତ୍ପରତା, ଚଳଚଞ୍ଚଳ ମଧୁର ସ୍ୱଭାବ ଏବଂ ଅନୁଷ୍ଠାନ ପ୍ରତି ଶ୍ରଦ୍ଧା, ସମର୍ପଣ ଓ ସହଯୋଗ ଭାବକୁ ବର୍ଣ୍ଣନା କରିଥିଲେ। ତାଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜଣେ ଅମାୟିକ, ମିଷ୍ଟଭାଷୀ, ପରୋପକାରୀ ଓ ନିଃସ୍ୱାର୍ଥପର ବ୍ୟକ୍ତିତ୍ୱଙ୍କ ନିଧନ କଲେଜ ତଥା ଅଞ୍ଚଳବାସୀଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଆଲୋଚନା ହେଉଛି।

### ଅଙ୍ଗନବାଡ଼ି କର୍ମୀ ନିଯୁକ୍ତିରେ ଅନିୟମିତତାର ପ୍ରତିବାଦ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ବୌଦ୍ଧ, ୮ ।୧(ସମିସ):**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବସରୀ ଗ୍ରାମ ପଞ୍ଚାୟତ ଗୋହିରାପାଲି ଅଙ୍ଗନବାଡି କେନ୍ଦ୍ରରେ କର୍ମୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ତେବେ ଏହି ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣ ଆରମ୍ଭ ହୋଇଛି। ଅଙ୍ଗନବାଡି କେନ୍ଦ୍ରରେ କର୍ମୀ ନିଯୁକ୍ତିରେ ଦୁର୍ନୀତି ହୋଇ ଗ୍ରାମ ବାହାରର ଜଣେ ପ୍ରାର୍ଥିନୀଙ୍କୁ ନିଯୁକ୍ତି ଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଏ ସମ୍ପର୍କରେ କଣ୍ଟାମାଳ ସିଡିପିଓ, ଉପ ଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମର ମହିଳାମାନେ ବାରମ୍ବାର ଅଭିଯୋଗ କରିଛନ୍ତି। ପ୍ରଶାସନ ତରଫରୁ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବାରୁ ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ତେବେ ଏହି ଧାରଣା ସମ୍ବନ୍ଧରେ ପୂର୍ବରୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିଲା। କୌଣସି ପ୍ରଶାସନିକ ଅଧିକାରୀ କିନ୍ତୁ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ନ ଥିଲେ।



## ମଦଭାଟି ବନ୍ଦ ପାଇଁ ସ୍ୱତନ୍ତ୍ର ଗ୍ରାମସଭା



ବାଲିଶଙ୍କରା, ୮।୧(ସମିସ): ବାଲିଶଙ୍କରା ବ୍ଲକର ବାଲିଶଙ୍କରା ଓ ବନ୍ଧବାହାଲ ପଞ୍ଚାୟତ ପକ୍ଷରୁ ମଦଭାଟି ବନ୍ଦ ପାଇଁ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଗ୍ରାମବାସୀ ଯୋଗଦେଇ ମଦଭାଟି ବନ୍ଦ ପାଇଁ ସୁନ୍ଦରଗଡ଼ ଜିଲ୍ଲାପାଳ, ସୁନ୍ଦରଗଡ଼ ଅବକାରୀ ବିଭାଗ, ସୁନ୍ଦରଗଡ଼ ଜିଲ୍ଲା ପଞ୍ଚାୟତ ଅଧିକାରୀ, ବାଲିଶଙ୍କରା ବିଡିଓ ଓ ପଞ୍ଚାୟତ ସରପଞ୍ଚଙ୍କୁ ଲିଖିତ କରିଛନ୍ତି। ଏହି ଗ୍ରାମସଭାର ସଭାପତି ବାଲିଶଙ୍କରା ସରପଞ୍ଚ ସୁଲୋଚନା ସୁଆରୀ ସଭାପତିତ୍ୱରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟରାମ ପଧାନ ପରିଚାଳନା କରିଥିବାବେଳେ ସମିତିସଭ୍ୟ କହ୍ନେଇ ଜୟପୁରିଆ, ଦୀନବନ୍ଧୁ ସାଏ ଓ ବହୁ ଜନସାଧାରଣ ମଦଭାଟି ବନ୍ଦ ପାଇଁ ଆଲୋଚନା କରିଥିଲେ। ସେହିପରି ବନ୍ଧବାହାଲ ପଞ୍ଚାୟତରେ ମଧ୍ୟ ମଦ ଭାଟି ବନ୍ଦ ପାଇଁ ସରପଞ୍ଚ ସୁବାସିନୀ ଦଣ୍ଡସେନାଙ୍କ ସଭାପତିତ୍ୱରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନୀଲ ପଟେଲ ଏହି ସଭାର ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଉକ୍ତ ବୈଠକରେ ମଧ୍ୟ ଜନସାଧାରଣ ଓ ୱାର୍ଡ ସଭ୍ୟସଭ୍ୟାମାନେ ଯୋଗଦେଇ ଲିଖିତ ପାରିତ କରି ଏପରି ଏହି ୪ଟି ବିଭାଗକୁ ଲିଖିତ ଜଣାଇଛନ୍ତି।

### ମାଣ୍ଡିଆ ମଣ୍ଡି ଶୁଭାରମ୍ଭ

## ୩୪ ଚାଷୀଙ୍କଠାରୁ ୪୫ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ

ବାଲିଶଙ୍କରା, ୮।୧(ସମିସ)



ବାଲିଶଙ୍କରା ବ୍ଲକ ବନ୍ଧବାହାଲ ଫୁଟବଲ ପଡ଼ିଆରେ କୃଷି ଓ କୃଷକର ସଶକ୍ତୀକରଣ ବିଭାଗ ଦ୍ୱାରା ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମ ସହଯୋଗୀ ସଂସ୍ଥା ଭାବେ ସେବକ ପକ୍ଷରୁ ମାଣ୍ଡିଆ ମଣ୍ଡିର ଉଦ୍‌ଘାଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ କୁଞ୍ଜଲତା ଭିତ୍ରିଆ ଯୋଗଦେଇ ମାଣ୍ଡିଆ ମଣ୍ଡିର ଉଦ୍‌ଘାଟନ କରିଥିଲେ। ଚାଷୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ଭିତରେ ସଫା ମାଣ୍ଡିଆ ଆଣି ମଣ୍ଡିରେ ବିକ୍ରି କରି ଉଚିତ ମୂଲ୍ୟ ପାଇବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଦୁଲି ସୋରେନ, ଅତିରିକ୍ତ ମାର୍କେଟିଂ ଅଧିକାରୀ (ଏ.ଏମ.ଓ) ସାଇ ସୁମନ ସେଠୀ, ଡିପିସ ସଞ୍ଜୀବନୀ ଅତ୍ରମ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ମଣ୍ଡିରେ ମାଣ୍ଡିଆ ବିକ୍ରି କରିବା ଏବଂ ଉପଯୁକ୍ତ ଲାଭ ନେବା, ମାଣ୍ଡିଆର ସର୍ବନିମ୍ନ ହାରାହାରି ଗୁଣବତ୍ତାର ସହ ମଣ୍ଡିରେ ବିକ୍ରି କରିବା ପାଇଁ କହିଥିଲେ। ବ୍ଲକ ସଂଯୋଜିକା ଭାଗ୍ୟଶ୍ରୀ ଜେନା ଅତିଥିଙ୍କ ସ୍ୱାଗତ ସହ ପରିଚୟ ପ୍ରଦାନ କରିଥିଲେ। ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ଚାଷୀମାନକୁ ମାଣ୍ଡିଆ ଖାଦ୍ୟର ଭିଟାମିନ ଓ ଉପକାରିତା ଉପରେ ମତାମତ ଦେଇଥିବାବେଳେ ଆରଏମ୍‌ସିର ତରୁଣ କୁମାର ମିଶ୍ରଙ୍କ ଦ୍ୱାରା ସର୍ବନିମ୍ନ ହାରାହାରି ଗୁଣବତ୍ତାର ପରୀକ୍ଷା କରାଯାଇଥିଲା। ଉଦ୍‌ଘାଟନ ସମୟରେ ୩୪ଜଣ ଚାଷୀଙ୍କଠାରୁ ୪୫ କ୍ୱିଣ୍ଟାଲ ମାଣ୍ଡିଆ କିଣାଯାଇଥିଲା। ତାପରେ ଅତିଥିମାନଙ୍କ ଦ୍ୱାରା ରବର-ପଲିସର ମେସିନ ଉଦ୍‌ଘାଟନ କରାଯାଇଥିଲା। ଏହାସହ ପୁଷ୍ଟିଶସ୍ୟ ଖାଦ୍ୟ ମେଳା ଆୟୋଜନ କରାଯାଇଥିଲା। ଖାଦ୍ୟ ମେଳାରେ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ମିଲେଟ୍‌ରୁ ପ୍ରସ୍ତୁତ ଆରିଷା, ଠେରେରି, କାଠିନିମକୀ, ରୋସକେଟ, ଗୁଲାବଜାମୁନ, ଏଣ୍ଡୁରୀ ପିଠା, ଶଙ୍ଖ ପିଠା, କ୍ଷୀରି, ମାଣ୍ଡିଆ ସର୍ବତ ଆଦି ସମସ୍ତଙ୍କୁ ଖାଇବାକୁ ଦିଆଯାଇଥିଲା। ଚଳିତବର୍ଷ ମାଣ୍ଡିଆର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୪୫୦୦ ଟଙ୍କା ରଖାଯାଇଛି ବୋଲି କୁହାଯାଇଥିଲା। ଆର୍‌ଏମ୍‌ସିଟିଡିସିସି, ୱାସନ କର୍ମୀ, ନିୟନ୍ତ୍ରିତ ବଜାର କମିଟିର କର୍ମୀ, ବାଲିଶଙ୍କରା ବ୍ଲକରୁ ଆସିଥିବା ସମସ୍ତ ଚାଷୀଙ୍କ ଜେନା, ତରୁଣ ସାହୁ, ଅମିତ୍ କୁମାର ସାହୁ, ପ୍ରିୟମ୍ବଦା ରାଉତ, ପୂଜା ସାହୁ, ପ୍ରଭାସିନୀ ଦେହୁରୀ, ବାସିଲ ବାର୍ଲା, ପ୍ରତିମା ରାଉତ, ବିଳାସିନୀ ଆପଟ, ଏହସାନ୍ ରାଜା, ସୁର୍ଜନ ରାଉତ, ସୁନାଲି ଟୋପ୍ପ ପ୍ରମୁଖ ପରିଚାଳନା କରିଥିଲେ। ଅତିରିକ୍ତ ବ୍ଲକ ସଂଯୋଜକ ତରୁଣ ସାହୁ ସମସ୍ତ ଅତିଥି ଏବଂ ଚାଷୀ ଭାଇ ଭଉଣୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ପରିଷଦ ପ୍ରତିନିଧିଙ୍କ ଦକ୍ଷତା ବିକାଶ କର୍ମଶାଳା



ସୁନ୍ଦରଗଡ଼, ୮।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଆନୁକୂଲ୍ୟରେ ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା ପରିଷଦ ପ୍ରତିନିଧିଙ୍କ ଦକ୍ଷତା ବିକାଶ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ସଭା ଗୃହରେ ଆୟୋଜିତ ଏହି କର୍ମଶାଳାରେ ସୁନ୍ଦରଗଡ଼ ସର୍କଲ ଅଧୀନରେ ଥିବା ୨୪ ଗୋଟି ଲ୍ୟାମ୍ପସ ପରିଚାଳନା ପରିଷଦର ସଭାପତି ଏବଂ ନିର୍ଦ୍ଦେଶକ ନିର୍ଦ୍ଦେଶିକା ମାନଙ୍କୁ ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରା ଯାଇଥିଲା। ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି କର୍ମଶାଳାରେ ଆବଶ୍ୟକତା ତଥା ପରିଚାଳନା ପରିଷଦର କାର୍ଯ୍ୟ ବାବଦରେ ଆଲୋକପାତ କରିଥିଲେ। ବଣାଇଁର ବରିଷ୍ଠ ସହକାରୀ ସମବାୟ ନିବନ୍ଧକ ବଣାଇଁ ଅଜୟ କୁମାର ସେଠୀ ଯୋଗଦେଇ ପରିଚାଳନା ପରିଷଦର କାର୍ଯ୍ୟାବଳୀ ସମ୍ପର୍କରେ ଅବଗତ କରିଥିଲେ। ଜିଲ୍ଲା ସମବାୟ ସମୂହ ନିବନ୍ଧକ ଉମାଶଙ୍କର ଦାସ ଚିରାଚରିତ କୃଷି ଋଣ ପ୍ରଦାନରୁ ଊର୍ଦ୍ଧ୍ୱକୁ ଯାଇ ସରକାରଙ୍କ ସହାୟତାରେ ଆଗକୁ ବଢ଼ିପାରିଲେ ସମିତିର ଉନ୍ନତି ସହିତ ସଭ୍ୟଙ୍କ ମଧ୍ୟ ବିଶେଷ ଉନ୍ନତି ଘଟିପାରିବ ବୋଲି କହିଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କାଲୁଣ୍ଡିଆଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ପ୍ରାୟ ୨୦୦ରୁ ଅଧିକ ନିର୍ଦ୍ଦେଶକ ନିର୍ଦ୍ଦେଶିକା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ ପରିଚାଳନା ପରିଷଦ ନିର୍ଦ୍ଦେଶକ ଜଟିଆ ମୁଣ୍ଡା, ପଞ୍ଚା ବାର୍ଲା, ସୁଷମା ସରୋଜିନୀ ଟେଟେ, ଅମ୍ରିତ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ର ପ୍ରତିଷ୍ଠା ଦିବସ



ସୁନ୍ଦରଗଡ଼, ୮।୧(ସମିସ): ସ୍ଥାନୀୟ ଜେଡିଆର ହୋଟେଲରେ ସୁନ୍ଦରଗଡ଼ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ୮୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଡକ୍ଟର ଅଶୋକ କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାରୋହରେ ଫେଡେରେସନର ଜୋନାଲ ସମ୍ପାଦକ ମିତ୍ରଭାନୁ ନାଏକ, ଜିଲ୍ଲା ସଂଗଠନ ସମ୍ପାଦକ କୁଳଦୀପ ସେଠ, ଦିଲ୍ଲୀପ କୁମାର ପଟେଲ, ସୁଶାନ୍ତ ପଟେଲ, ବିଶ୍ୱଜିତ ପଟେଲ, ପବିତ୍ର ତନ୍ତୀ, ପାତ୍ରୀକ କିଡୋ, ସନ୍ତୋଷ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ଦେଶ ସ୍ୱାଧୀନତା ପୂର୍ବରୁ ୧୯୪୬ ମସିହା ଜାନୁଆରୀ ୭ ତାରିଖରେ ଏହି ଫେଡେରେସନ ଗଠିତ ହୋଇଥିବା ସୂଚନା ଦେବା ସହ ଏହାର ଇତିହାସ, ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ବିକାଶ ନିମନ୍ତେ କରି ଆସୁଥିବା କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପୁଲିନ ଚନ୍ଦ୍ର ନାଏକ ସଭା ପରିଚାଳନା କରିଥିବା ବେଳେ ଚନ୍ଦନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଆଁରେ ପୋଡ଼ି ମହିଳା ମୃତ

କୁତ୍ରା, ୮।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଏଲଗା ଗ୍ରାମରେ ବୁଧବାର ନିଆଁରେ ପୋଡ଼ି ସାବିତ୍ରୀ ସିଂ(୩୮) ନାମକ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଏଲିନା ଗ୍ରାମର ସାବିତ୍ରୀ ସିଂ ଦୀର୍ଘ ଦିନରୁ ଜଣ୍ଡିସ ରୋଗରେ ପୀଡ଼ିତ ଥିବାବେଳେ ତାଙ୍କ ମା' ତାଙ୍କ ସହିତ ଏଲଗାରେ ରହି ସେବାଯତ୍ନ କରୁଥିଲେ। ମଙ୍ଗଳବାର ରାତ୍ରିରେ ସାବିତ୍ରୀ ଏବଂ ତାଙ୍କ ମା' ଗୋଟିଏ ଘରେ ଶୋଇଥିଲେ। ବୁଧବାର ଦିନ ଭୋର ୪ଟାରେ ସୁମିତ୍ରା ଶୌଚ ଯାଉଛି କହି ଘରୁ ବାହାରକୁ ଯାଇଥିଲେ। ସକାଳ ପର୍ଯ୍ୟନ୍ତ ସେ ନଫେରିବାରୁ ତାଙ୍କ ଘର ଲୋକ ତାଙ୍କୁ ଚାରିଆଡ଼େ ଖୋଜାଖୋଜି କରି ଘର ପାଖ ପାଳ ଗଦା ପାଖରେ ନିଆଁରେ ପୋଡ଼ିଯାଇ ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ। ପରେ ଘର ଲୋକ ଏ ସମ୍ବନ୍ଧରେ କୁତ୍ରା ପୁଲିସକୁ ଖବର ଦେଇଥିଲେ। କୁତ୍ରା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ଘର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୁଲିସ ଅଧିକ ତଦନ୍ତ କରୁଥିବା ଜାଣିବାକୁ ମିଳିଛି।

### ତାମିଲନାଡୁରେ ଫସିଛନ୍ତି ଲେଫ୍ରିପଡ଼ାର ଝିଅ

## ଦ୍ୱିତୀୟ ଦିନରେ ଅଭିଭାବକଙ୍କ ଧାରଣା



ସୁନ୍ଦରଗଡ଼, ୮।୧(ସମିସ): ତାମିଲନାଡୁର ପୋଷାକ ତିଆରି କାରଖାନାରେ ଫସି ରହିଥିବା ଆଦିବାସୀ ବହୁଳ ଲେଫ୍ରିପଡ଼ା ବ୍ଲକର ଝିଅମାନଙ୍କୁ ଫେରାଇ ଆଣିବା ଦାବିରେ ତାଙ୍କ ଅଭିଭାବକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣ ଡିଆରଡିଏ ଛକରେ ଚଳାଇଥିବା ଧାରଣା ବୁଧବାର ଦ୍ୱିତୀୟ ଦିନରେ ପହଚିଛି। ତେବେ ଦ୍ୱିତୀୟ ଦିନରେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ଆନ୍ଦୋଳନ ସ୍ଥଳକୁ ଆଲୋଚନା ପାଇଁ ଆସି ନାହାନ୍ତି। ଫଳରେ ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଛି। ପ୍ରଶାସନ ତାଙ୍କ ଝିଅ ମାନଙ୍କୁ ଫେରାଇ ନ ଆଣିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସମ୍ପୃକ୍ତ ଅଭିଭାବକଙ୍କ ଝିଅ ମାନଙ୍କୁ କମ୍ପ୍ୟୁଟର ତାଲିମ ନାମରେ କଟକକୁ ନିଆ ଯାଇଥିଲା। ତେବେ ସେଠାରେ ୪୫ ଦିନ ପୋଷାକ ତିଆରି ତାଲିମ ଦିଆ ଯାଇ ତାମିଲନାଡୁର ପୋଷାକ ତିଆରି କାରଖାନାକୁ ପଠା ଯାଇଥିବା ବେଳେ ସେଠାରେ ତାଙ୍କୁ ହଇରାଣ ହରକତ କରା ଯାଉଥିବା ହେଉଛି। ସେମାନେ ତାଙ୍କ ପରିବାର ଲୋକଙ୍କୁ ବାରମ୍ବାର ଫୋନ କରି ଦୁର୍ଦ୍ଦଶା ଜଣାଉଛନ୍ତି। ଘରକୁ ଫେରିବାକୁ ଚାହିଁଲେ ମଧ୍ୟ ଛଡା ଯାଉ ନାହିଁ। ଏଣୁ ଅଭିଭାବକ ମାନେ ନିଜ ଝିଅ ମାନଙ୍କୁ ଫେରାଇ ଆଣିବା ପାଇଁ ଜିଲ୍ଲା ପ୍ରଶାସନ ଠାରେ ବାରମ୍ବାର ଗୁହାରୀ କରି ବିଫଳ ହେବା ପରେ କୋଶଳ ସମାଜ ନେତୃତ୍ୱରେ ମଙ୍ଗଳବାର ଠାରୁ ଏହି ଧାରଣା ଦେଇଛନ୍ତି। କୋଶଳ ସମାଜ ମହା ସଚିବ ଦିଲ୍ଲୀପ କୁମାର ପଣ୍ଡା ଧାରଣାର ନେତୃତ୍ୱ ନେଉଛନ୍ତି।

## ବିଲରୁ ମୃତଦେହ ଉଦ୍ଧାର

ସୁନ୍ଦରଗର, ୮।୧(ସମିସ) : ଧରୁଆଡିହି ଥାନା ପୁଲିସ ବୁଧବାର ଅପରାହ୍ଣରେ ତଳସରା ବାହୁରୁପଡ଼ାର ଏକ ବିଲରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର କରିଛି। ତାଙ୍କ ଆନୁମାନିକ ବୟସ ପ୍ରାୟ ୫୫ରୁ ୬୦ ବର୍ଷ ହେବ। କିଛି ଦିନ ହେବ ସେ ଅଞ୍ଚଳରେ ବୁଲାବୁଲି କରୁଥିବା ସ୍ଥାନୀୟ ଲୋକେ କହୁଛନ୍ତି। ପୁଲିସ ଶବ ଜବତ କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଶବାଗାରରେ ସଂରକ୍ଷିତ ରଖାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଛି।

## ନିଜ ବନ୍ଧୁକରୁ ଗୁଳି ଫୁଟି ଜଣେ ଆହତ

ସୁନ୍ଦରଗଡ଼, ୮।୧(ସମିସ): ମଙ୍ଗଳବାର ରାତିରେ ସୁନ୍ଦରଗଡ଼ ସହରରେ ଗୁଳିକାଣ୍ଡ ନେଇ ସ୍ଥାନୀୟ ଟାଉନ ଥାନାରେ ଏତଲା ହୋଇଛି। ତେବେ ଆହତ ରାଜ ଯାଦବଙ୍କ ଅନ୍ୟ କେହି ଗୁଳି କରି ନ ଥିବା ବେଳେ ତାଙ୍କ ନିଜ ବନ୍ଧୁକ ଗୁଳିରେ ନିଜେ ଆହତ ହୋଇଥିବା ଏତଲାରେ ଦର୍ଶାଯାଇଛି। ରାଜଙ୍କ ବନ୍ଧୁ ବିବେକ ମିଶ୍ର ଏ ନେଇ ଥାନାରେ ଏତଲା ଦେଇଛନ୍ତି। ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପଞ୍ଚଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କୁତ୍ରା, ୮।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ସଦରମହକୁମା କୁତ୍ରା ପତ୍ରାପଡ଼ା ଖେଳ ପଡ଼ିଆଠାରେ ବୁଲ-୧୧ କ୍ଲବ୍ ପକ୍ଷରୁ ପଞ୍ଚଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ପ୍ରଥମ ପୁରସ୍କାର ନଗଦ ରାଶି ୨୫ ହଜାର ଓ ଟ୍ରଫି ଓ ଦ୍ୱିତୀୟ ପୁରସ୍କାର ନଗଦ ରାଶି ୧୫ହଜାର ରଖାଯାଇଥିବା କ୍ଲବର ସଭାପତି ବରୁଣ ପଟେଲ କହିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବେ ପୂର୍ବତନ କ୍ରିକେଟ୍ ଖେଳାଳି ବିଷ୍ଣୁ ଶର୍ମା ଓ ସାମ୍ବାଦିକ ପ୍ରଶାନ୍ତ ସାହୁ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଖେଳଟି ଆମଗୋଭା ଓ ଡାହିଜିରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆମଗୋଭା ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୦୩ରନ କରିଥିବା ବେଳେ ଡାହିଜିରା ଦଳ ୧୦ ଓଭରେ ୮୮ରନ କରିଥିଲେ। ଏହି ଖେଳରେ ଆମଗୋଭା ବିଜୟୀ ହୋଇଥିଲା। ଦ୍ୱିତୀୟ ଖେଳ ନୁନିଆଁମୁଣ୍ଡା ଓ ବୁଲ-୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ନୁନିଆଁମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୭୫ରନ୍ କରିଥିବା ବେଳେ ବୁଲ-୧୧ ଦଳ ୮ଓଭରେ ୭୬ ରନ୍ କରି ବିଜୟୀ ହୋଇଥିଲା। ବୁଲ୍-୧୧ କ୍ୱାଟର ଫାଇନାଲ ଖେଳରେ ବିଜୟୀ ହୋଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଖେଳକୁ ସୁରୁଖୁରୁରେ ପରିଚାଳିତ କରିବା ପାଇଁ କ୍ଲବ୍‌ର ରୋହନ ସିଂ, ମନିଷ ମିସ୍ତ୍ରୀ, ସୁନିଲ ବାର୍ଲା, ଆକାଶ ଭଏଁସାଲ, ବାପୁନ୍ ବେହେରା, ତରୁନ ଟପ୍ପୋ, ବିକାଶ କୁଜୁର, ଦେବୁ କୁଜୁର ଓ ଓମ୍ ଶର୍ମା ସହଯୋଗ କରିଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର




ସୁନ୍ଦରଗଡ଼, ୮।୧(ସମିସ)

### ● ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ସୁନ୍ଦରଗଡ଼ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଡକ୍ଟର ଇନ୍ଦିରା ଗଡ଼ନାୟକ ଏହାକୁ ଉଦଘାଟନ କରି ଆତ୍ମସୁରକ୍ଷା ତାଲିମ ନେବା ଦ୍ୱାରା ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥତା ଦୃଢ଼ୀଭୂତ ହୁଏ ବୋଲି ମତବ୍ୟକ୍ତ କରିବା ସହ ନାରୀ ସଶକ୍ତିକରଣକୁ ଜାଗ୍ରତ କରିବା ପାଇଁ ପରାମର୍ଶ ଦେଇଥିଲେ। ଆୟୋଜିତ ଉଦଘାଟନୀ ଉତ୍ସବରେ ପୂର୍ବତନ ଅଧକ୍ଷା ଡକ୍ଟର ଇନ୍ଦିରା ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ସମାଜରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ନିତାନ୍ତ ଆବଶ୍ୟକ ବୋଲି କହିବା ସହ ବର୍ତ୍ତମାନ ସମୟରେ ଏହି ତାଲିମକୁ ମୁଖ୍ୟ ଅସ୍ତ୍ର ରୂପେ ବ୍ୟବହାର କରିବା ଦିଗରେ ମାର୍ଗଦର୍ଶନ କରିଥିଲେ। ଏହା ଦୀର୍ଘ ୮ ଦିନ ଧରି ହେବାକୁ ଥିବାରୁ ପ୍ରତିଦିନ ଯୋଗଦାନ କରିବାକୁ ସମସ୍ତ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅଧ।।ପିକା ଡକ୍ଟର ସଞ୍ଜିତା ଅଭିଜିତା ଆଧୁନିକ ସମାଜରେ ଆତ୍ମଶକ୍ତି ଜାଗ୍ରତ ରଖିବା ନିହାତି ଜରୁରୀ ବୋଲି କହିଥିଲେ। ଅଧ୍ୟାପକ ସଞ୍ଜୟ କୁମାର ବେହେରା ଓ ଅଧ୍ୟାପକ ଜ୍ଞାନେନ୍ଦ୍ର ତ୍ରିପାଠୀ ଏହାକୁ ସଂଯୋଜନା କରିଥିଲେ।

### ● ଜନତା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଶିକାଜୋରସ୍ଥିତ ଜନତା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରର ସଂଯୋଜକ ଅଧ୍ୟାପିକା ରେଣୁ ଅନୁପମା ଏକ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିର ଉଦ୍‌ଘାଟନୀ ସମାରୋହରେ ଅଧକ୍ଷା କାମିନୀ କାଲୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବର୍ତ୍ତମାନ ସମୟରେ ବାଳିକାମାନଙ୍କ ପାଇଁ ଆତ୍ମ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ଏହି ଶିବିର ଛାତ୍ରୀମାନଙ୍କ ପାଇଁ ବେଶ ଉପଯୋଗୀ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁପମା ଲକ୍ରା, ସଂଯୋଜିକା ରେଣୁ ଅନୁପମା ଏକ୍କା, ସୁରତି ଲାକ୍ରା, ପଦ୍ମିନୀ ନାଏକ, ରଶ୍ମୀଫିଲିଶିତା ଲକ୍ରା ପ୍ରମୁଖ ଅଧ୍ୟାପିକା ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ୮ ଦିନ ଧରି ହେବାକୁ ଥିବା ଏହି ଶିବିରରେ ୩୭ ଜଣ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିବେ। ଏଥିରେ ପ୍ରଶିକ୍ଷକ ଭାବେ ଯଶିନ୍ତା ବାଗ ପ୍ରଶିକ୍ଷଣ ଦେଉଛନ୍ତି।

### ● ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ସୁନ୍ଦରଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବରେନ୍ଦ୍ର କୁମାର ପଟେଲ ଏହାକୁ ଉଦ୍‌ଘାଟନ କରିଥିଲେ। ଗଣିତ ବିଭାଗର ମୁଖ୍ୟ ଆଲୋକ କୁମାର ନାଏକ ଆତ୍ମରକ୍ଷା ଶିବିରର ଉପଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଣୀ ବିଜ୍ଞାନର ସହକାରୀ ପ୍ରାଧ୍ୟାପକ ସରୋଜ କୁମାର ପୂଜାରୀ ଶିବିରର ଆବଶ୍ୟକତାକୁ ଅନୁଭବ କରି ଭବିଷ୍ୟତରେ କିପରି କାର୍ଯ୍ୟରେ ବିନିଯୋଗ କରିହେବ, ସେ ସମ୍ପର୍କରେ ଦର୍ଶାଇଥିଲେ। ସଂସ୍କୃତି ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ବିନୋଦ ବିହାରୀ ମଲ୍ଲିକ ନାରୀ ସଶକ୍ତୀକରଣ ଆବଶ୍ୟକତାକୁ ହୃଦୟଙ୍ଗମ କରି ତାଲିମ ଶିବିରରେ ଯୋଗଦେବା ପାଇଁ ପ୍ରୋତ୍ସାହିତ କରିଥିଲେ। ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ଆଞ୍ଜେଲିନା କିଣ୍ଡୋ କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ବୁଝାଇଥିବାବେଳେ ଓଡ଼ିଆ ଅଧ୍ୟାପିକା ଝରଣା ରାଣୀ ନାଏକ ବହୁ ସଂଖ୍ୟାରେ ଛାତ୍ରୀ ଅଂଶ ଗ୍ରହଣ କରି ଆତ୍ମରକ୍ଷା କୌଶଳକୁ ଠିକ୍ ଭାବରେ ଉପଯୋଗ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର୍ ପ୍ରଭାସିନୀ ଗରଡ଼ିଆ ଉପସ୍ଥିତ ଥିଲେ। ଶେଷରେ କାର୍ଯ୍ୟକ୍ରମ ସଂଯୋଜିକ ପ୍ରଜ୍ଞା ପାରମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆତ୍ମ ସୁରକ୍ଷା ତାଲିମ ଶିବିର ୮ ଦିନ ଧରି ଅନୁଷ୍ଠିତ ହେବ।

## ଏସ୍‌ଟି ଜନ ବୋସ୍କୋ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକୋତ୍ସବ

ବାଲିଶଙ୍କରା, ୮।୧(ସମିସ): ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ଏସ୍‌ଟି ଜନ ବୋସ୍କୋ ଇଂଲିଶ ମିଡ଼ିଅମ ସ୍କୁଲରେ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା ଯୋଗଦେଇ ଛାତ୍ରଛାତ୍ରୀଙ୍କ ଏକାଗ୍ରତା, ଧୈର୍ଯ୍ୟ ଓ ଚରିତ୍ର ଗଠନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଏଥିସହ ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରେ ଶୀର୍ଷ ସ୍ଥାନରେ ରୁହ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଜାନକୀ ପଟେଲ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲର ନିର୍ଦ୍ଦେଶକ ଅଶୋକ କୁମାର ଖାଲଖୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ବିଜୟ କୁମାର ଏକ୍କା, ଶିକ୍ଷକ ରାଜେଶ କିଶୋର ଇନ୍ଦୱାର, ଚିନ୍ମୟ ସାହୁ, ରକି ନେଲସନ ଲାକ୍ରା, ଆଲମା ଲାକ୍ରା, ସସ୍ମିତା ସାଏ, ସୁମିଲା ଏକ୍କା, ଜଷ୍ଟିନା ଲାକ୍ରା, ତାରାନମ ପରୱିନ, ଆରତୀ ବାର୍ଲା, ଯାଚନା ମିଞ୍ଜ, ନିଲମ ମିଞ୍ଜ ଓ ମନ୍ଦାକିନୀ ଭଇଁସାଲ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସୁସ୍ମିତା ବାରା। ଏଥିରେ ସ୍କୁଲ ସଭାପତି ଜାଲୁ କେର୍କେଟା, ଏସ୍‌ଏମ୍‌ସି ସଭାପତି ହେମନ୍ତ ନାଏକ ଓ କୁଞ୍ଜଲତା ଗୋଖରା ଉପସ୍ଥିତ ଥିଲେ।



